ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୧୧ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### କେନାଲ ହୁଡ଼ାରେ ପଡ଼ି ଜଣଙ୍କର ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୦ା୧୨:** କେନାଲକୁ ଗାଧୋଇ ଯିବା ବେଳେ ହୁଡ଼ାରେ ପଡ଼ିଯାଇ ସଜ୍ଞାହୀନ ହୋଇଯାଇଥିବା ଜଣେ ବ୍ୟକ୍ତିଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସେ ହେଲେ ଦିଗପହଣ୍ଡି ଥାନା ଚଷା ନିମଖଣ୍ଡିପେଣ୍ଠ ଗ୍ରାମର ଗୋବିନ୍ଦ ନାୟକ (୬୦) । ରବିବାର ପୂର୍ବାହ୍ନରେ ଗୋବିନ୍ଦ ଗାଁ ନିକଟସ୍ଥ ଘୋଡାହାଡ଼ କେନାଲକୁ ଗାଧୋଇ ଯାଇଥିବା ବେଳେ କୌଣସି କାରଣରୁ ହୁଡ଼ାରେ ପଡ଼ିଯାଇଥିଲେ । ସଜ୍ଞାହୀନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଦିଗପହଣ୍ଡି ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୬୧୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଜାରି ରହିଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### କେ. ସତ୍ୟନାରାୟଣ ରାଓଙ୍କ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ,୧୦ା୧୨:** ଡ. କେ.ଏସ.ଏନ. ରାଓ ସ୍ମୃତି କମିଟି ପକ୍ଷରୁ ବିଶିଷ୍ଟ ସାମାଜିକକର୍ମୀ ଦୃଷ୍ଟିହୀନଙ୍କ ପଥପ୍ରଦର୍ଶକ ଡ. କେ. ସତ୍ୟନାରାୟଣ ରାଓଙ୍କ ୧୦୦ତମ ଜନ୍ମ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ପଞ୍ଚାନନ ନାହାକଙ୍କ ଅଧ୍ୟକ୍ଷତାରେ ଗେଟବଜାର ଏନଜିଓ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାରାତାରିଣୀ ମନ୍ଦିର ଉନ୍ନୟନ ପରିଷଦ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଅବସରପ୍ରାପ୍ତ ଇଞ୍ଜିନିୟର ସୁରେନ୍ଦ୍ର ନାୟକ, ବିଶିଷ୍ଟ ସାମାଜିକକର୍ମୀ ସିଏଚ ସନ୍ତୋଷ ସୁବୁଦ୍ଧି, ଏସ୍‌ଏମ୍‌ଆଇଟି ସଭାପତି ଭଗବାନ ଗନ୍ତାୟତ, ଅମିୟ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱର୍ଗତ ରାଓଙ୍କ ସ୍ମୃତି ଚାରଣ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଉପସଭାପତି ସୂର୍ଯ୍ୟନାରାୟଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଯୋଜକ ସନ୍ତୋଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ସମସ୍ତ ଅଭିଯୁକ୍ତ ଫେରାର୍

**ଦିଗପହଣ୍ଡି,୧୦ା୧୨(ଡି.ଏନ.ଏ.):** ଦିଗପହଣ୍ଡି ଥାନା କୁଶପଡ଼ା ଗ୍ରାମରେ ପାରିବାରିକ ଶତ୍ରୁତାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟ ପରିବାରର ୪ ଜଣ ଆହତ ହୋଇଛନ୍ତି । ସୋମବାର ଉଭୟପକ୍ଷଙ୍କ ଏତଲାକ୍ରମେ ନଂ. ୨୧୮/୧୮ ଓ ୨୧୯/୧୮ ଅନୁଯାୟୀ ଆଇଆଇସି ଦେବାଶିଷ ମହାନ୍ତି ମକଦ୍ଦମା ରୁଜୁ କରିଛନ୍ତି । ଗିରଫ ଭୟରେ ଅଭିଯୁକ୍ତମାନେ ଫେରାର ଥିବା ଏସ୍‌ଆଇ ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି । ରବିବାର ଅପରାହ୍ନରେ ଜଣେ ମହିଳା ଘରେ ଏକୁଟିଆ ଥିବା ସୁଯୋଗ ନେଇ ତାଙ୍କ ସମ୍ପର୍କୀୟ ଦେଢ଼ଶୁର ଘରେ ପଶି ତାଙ୍କୁ ଅସଦାଚରଣ କରିଥିଲେ । ସନ୍ଧ୍ୟା ପ୍ରାୟ ୫ଟାରେ ମହିଳାଙ୍କ ଦୁଇ ପୁଅ ଘରେ ପହଞ୍ଚିବା ପରେ ମହିଳା ଜଣକ କାନ୍ଦି ସବୁ କଥା କହିଥିଲେ । ଦୁଇ ପୁଅ ତାଙ୍କ ପଡ଼ୋଶୀଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଗଣ୍ଡଗୋଳ ଘଟିଥିଲା ବୋଲି ପୋଲିସ ପ୍ରାରମ୍ଭିକ ତଦନ୍ତରୁ ସୂଚନା ମିଳିଛି ।

### ଧାନଗଦାରେ ନିଆଁ: ୨୦ ଭରଣ ନଷ୍ଟ

**ଛତ୍ରପୁର,୧୦ା୧୨(ଡି.ଏନ.ଏ):** ଛତ୍ରପୁର ବ୍ଲକ ଚିକଲଖଣ୍ଡି ମୌଜା ବୀରେଶ୍ୱର ମନ୍ଦିର ନିକଟ ବିଲରେ ଥିବା ୪ଟି ଧାନଗଦାରେ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ୨୦ ଭରଣ ନଷ୍ଟ ହୋଇଯାଇଛି । କ୍ଷତିଗ୍ରସ୍ତ ଚାଷୀମାନେ ହେଲେ ଛତ୍ରପୁର ରେଡ୍ଡୀ ସାହିର ସିଏଚ୍ ନାରାୟଣ, ସିଏଚ୍ ଫାର୍ଶେୟା ଓ ସିଏଚ୍ ସାରସାମା। ଛତ୍ରପୁର ଅଗ୍ନିଶମ ବିଭାଗର ୨ଟି ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ସୋମବାର ପୂର୍ବାହ୍ନରେ ରାଜସ୍ୱ ନିରୀକ୍ଷକ ଓ ଅମିନ ସେଠାରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି। ପରେ ଉକ୍ତ ରିପୋର୍ଟ ଛତ୍ରପୁର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ୍-୨୦୧୮

# ଓଡ଼ିଆ ପରିବାରର କାହାଣୀ କହିଲା 'ମାଟି ମା'

**ବ୍ରହ୍ମପୁର ଅଫିସ,୧୦ା୧୨**

ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତିବିଭାଗ, ଓଡିଶା ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜିଲା ସଂସ୍କୃତି ପରିଷଦ ଛତ୍ରପୁର, ବ୍ରହ୍ମପୁରର ଓଡିଶା ନାଟକ ସମାରୋହ ସମିତି ମିଳିତ ସହଯୋଗରେ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ 'ରଙ୍ଗ ସଙ୍ଗମ୍-୨୦୧୮' ସୋମବାର ଉଦ୍‌ଘାଟିତ ହୋଇଯାଇଛି । ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଆୟୋଜିତ ମହୋତ୍ସବକୁ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଓଡିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ବିଜୟ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ଧୀରେନ୍ଦ୍ର ନାଥ ମଲ୍ଲିକ, ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଅଶୋକ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ସନ୍ଧ୍ୟାରେ ଅନୁଗୋଳ ନାଟ୍ୟମ ସଂସ୍ଥାର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ମାଟି ମା' ଓଡିଶାର ପରମ୍ପରା, ଓଡିଆ ଘରର ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା । ସୁଧାଂଶୁ ମୋହନ ଦ୍ୱିବେଦୀଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ ବର୍ତ୍ତମାନର ଆଧୁନିକ ଯୁଗରେ ସନ୍ତାନମାନେ ପ୍ରତ୍ୟେକ କ୍ଷେତ୍ରରେ ପିତା ମାତାଙ୍କୁ ଦେଉଥିବା ଦୋଷର ପରିଣତି କିପରି ହୋଇଥାଏ ତାହା ନାଟକରେ ଦେଖିବାକୁ ମିଳିଥିଲା । ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଓଡିଶା ନାଟକ ସମାରୋହ ସମିତି ସାଧାରଣ ସମ୍ପାଦକ ମିହିର କୁମାର ତ୍ରିପାଠୀ ପରିଚାଳନା କରିଥିବା ବେଳେ କୈଳାସ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ନାୟକ, ସୁବାସ ଚନ୍ଦ୍ର ସାହୁ, ଜୟନ୍ତୀ ମିଶ୍ର, ରାଜୁ ପାଢୀ, ଉଷାରାଣୀ ମିଶ୍ର, ସତ୍ୟ ମହାରଣା ଓ ସୁଶୀଲ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ନାଟକର ଏକ ଦୃଶ୍ୟ ।

## ଗଞ୍ଜାମ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ




ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ ସମାବେଶ

**ବ୍ରହ୍ମପୁର ଅଫିସ,୧୦ା୧୨**

ଗଞ୍ଜାମ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବ୍ରହ୍ମପୁର କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଆଗରେ ସୋମବାର ଗଣ ବିକ୍ଷୋଭ କରାଯାଇଥିଲା । କେବଳ ଶାସକ ଦଳ ନେତା ଓ କୁଜି ନେତାମାନଙ୍କୁ ବିଭିନ୍ନ କାର୍ଯ୍ୟର ଠିକା ଦିଆଯାଉଥିବା ଏବଂ ଆଖିବୁଜା ପିସି କାରବାର ହେଉଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା । ଯୁବମୋର୍ଚ୍ଚା ଜିଲା ସଭାପତି ସିଦ୍ଧାନ୍ତ ଗଙ୍ଗଦେବ ନେତୃତ୍ୱ ନେଇଥିଲେ ଏବଂ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଓ ବିକାଶ ପାଣିଗ୍ରାହୀଙ୍କ ସମେତ ବହୁ ସଂଖ୍ୟକ ଯୁବକର୍ମୀ ସାମିଲ ହୋଇଥିଲେ । ରାଜ୍ୟ ଭାଜପା ସମ୍ପାଦକ ବିଭୂତି ଜେନା ମଧ୍ୟ ଆନ୍ଦୋଳନ ସ୍ଥଳରେ ଉପସ୍ଥିତ ଥିଲେ ।

## ବିପ୍ଳବୀ ରିନ୍ଦୋ ମାଝୀ ଶହୀଦ ଦିବସ ପାଳିତ

# ବରିକିଆକୁ ଜନ୍ମସ୍ଥାନ ଘୋଷଣା କରିବାକୁ ଦାବି

**ବାଲିଗୁଡ଼ା, ୧୦ା୧୨ (ଡି.ଏନ୍.ଏ)**

କନ୍ଧମାଳ ଜିଲାର ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ଆଦିବାସୀ ନେତା ରିନ୍ଦୋ ମାଝୀଙ୍କ ୧୫୩ ତମ ଶହୀଦ ଦିବସ ଜହନ ଦିଗାଲଙ୍କ ସଭାପତିତ୍ୱରେ ବାଲିଗୁଡ଼ା ବ୍ଲକର ମିଡ଼ିଆକିଆ ପଞ୍ଚାୟତର ବରିକିଆ ଗ୍ରାମରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରିନ୍ଦୋ ମାଝୀଙ୍କ ଫଟୋକୁ ଧରି ଗ୍ରାମର ସମସ୍ତ ଆଦିବାସୀ ଜନସାଧାରଣ ଗ୍ରାମ ପରିକ୍ରମା କରିବା ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲାର ସଂଗ୍ରାମୀ ନେତା ନେତ୍ରମାନ ସେଠ୍ ଯୋଗଦେଇ ରିନ୍ଦୋଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ମାଝୀଙ୍କ ସଂପର୍କରେ ଇତିହାସର ମୁକସାକ୍ଷୀ ବୀର ପୁରୁଷଙ୍କର ଜନ୍ମସ୍ଥାନ ପ୍ରତି ସରକାର ଦୀର୍ଘ ବର୍ଷ ଧରି ଅବହେଳା କରିଆସିଛନ୍ତି, ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ। ଏହି ଆନ୍ଦୋଳନକୁ ଜୋରଦାର କରି ବରିକିଆ ଗ୍ରାମକୁ ରିନ୍ଦୋ ମାଝୀଙ୍କ ଜନ୍ମସ୍ଥାନ ଘୋଷଣା କରିବା ପାଇଁ ନିଜ ବକ୍ତବ୍ୟରେ ଦାବି କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ରଥ ମୁଖ୍ୟବକ୍ତା, ଓକିଲ ଅନିଲ କୁମାର ଦାସ ସମ୍ମାନିତ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ମାଝୀ, ସାମୁଏଲ ନାୟକ, ବିପ୍ର ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଆକବର ଦିଗାଲ ସଭା ପରିଚାଳନା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ରିନ୍ଦୋ ମାଝୀଙ୍କ ସଂପର୍କିତ ବିଭିନ୍ନ ଦାବି ନେଇ କନ୍ଧମାଳ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସେଠ୍ ପ୍ରକାଶ କରିଛନ୍ତି।

## ରୋଗୀ କଲ୍ୟାଣ ସମିତି ବୈଠକ

**ବେଗୁନିଆପଡ଼ା,୧୦ା୧୨(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ ଅଧ୍ୟକ୍ଷା କେ. ରାଜଲକ୍ଷ୍ମୀ ଦୋରା ସଭାପତିତ୍ୱ କରିଥିବା ବେଳେ ବିଡିଓ ଅରୁଣ କୁମାର ମଲିକ, ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ପ୍ରଫୁଲ ଚନ୍ଦ୍ର ଡିଆଡ଼ି, ଡା. ରାଜେନ୍ଦ୍ର ପ୍ରଧାନ, କମିଟି ସଦସ୍ୟ ଶରତ ଚନ୍ଦ୍ର ପାଣ୍ଡି, ସନ୍ତୋଷ କୁମାର ସାହୁ, ସରପଞ୍ଚ ସନ୍ତୋଷିନୀ ସାହୁ, ଆୟୁଷ ଡାକ୍ତର ମନୋଜ ପଟ୍ଟନାୟକ, ବସନ୍ତ କୁମାର ବାରିକ, ସ୍ୱାସ୍ଥ୍ୟ କର୍ମୀ ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗଦେଇ ଆୟବ୍ୟୟ ତର୍ଜମା କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇ ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାକୁ ଆଲୋଚନା ହୋଇଥିଲା। ଏଥିସହ ଗଚ୍ଛିତ ଥିବା ୧୨,୭୨,୭୨୪ ଟଙ୍କା ମଧ୍ୟରୁ ପ୍ରାୟ ସାଢ଼େ ୮ ଲକ୍ଷ ଟଙ୍କା ଖର୍ଚ୍ଚର ଖସଡ଼ା ପ୍ରସ୍ତୁତ କରାଯାଇଥିଲା ।

# ଆସିକା ବ୍ଲକରେ ଭତ୍ତା, ରାଶନ କାର୍ଡ ବଣ୍ଟନ

**ଆସିକା,୧୦ା୧୨(ଡି.ଏନ୍.ଏ)**

ଆସିକା ବ୍ଲକରେ ହିତାଧିକାରୀଙ୍କୁ ଭତ୍ତା ଓ ରାଶନ କାର୍ଡ ବଣ୍ଟନ କରାଯାଇଛି। ଖଣ୍ଡଦେଉଳି ପଞ୍ଚାୟତରେ ୩୨ଜଣଙ୍କୁ ମଧୁବାବୁ ଯୋଜନାରେ ଓ ୪ ଜଣଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଯୋଜନାରେ ଭତ୍ତା ବଣ୍ଟନ କରାଯିବା ସହ ୧୫୦ ପରିବାରକୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ଦିଆଯାଇଥିଲା। ଆସିକା ବିଧାୟକ ଦେବରାଜ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ । କମାଗଡ ପଞ୍ଚାୟତରେ ହରେକୃଷ୍ଣ ମଲିକ ମୁଖ୍ୟଅତିଥି ରୂପେ ଯୋଗଦେଇ ୨୦ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଓ ଅବିବାହିତ ଭତ୍ତା ସହ ୧୪୧ ପରିବାରକୁ ରାଶନ କାର୍ଡ ବଣ୍ଟନ ବଣ୍ଟନ କରିଥିଲେ । ଉଭୟ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ, ଏସ୍‌ଇଓ ଟି ପଦ୍ମା, ଯୋଗାଣ ନିରୀକ୍ଷକ ଜୟରାମ ଲେଙ୍କାଙ୍କ ସମେତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ସାମିଲ ଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସିପିଆଇ ବିଧାୟକ ପ୍ରାର୍ଥୀଭାବେ ପ୍ରବୀଣ ମନୋନୀତ




ଉପସ୍ଥିତ ସିପିଆଇ ନେତା ଓ କର୍ମୀ ।

**କବିସୂର୍ଯ୍ୟନଗର,୧୦ା୧୨**

କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ସିପିଆଇ ବିଧାୟକ ପ୍ରାର୍ଥୀ ଭାବେ ଦଳ ପ୍ରବୀଣ ଦାସଙ୍କୁ ମନୋନୀତ କରିଛନ୍ତି । ସ୍ଥାନୀୟ ବନଦେବୀ ମନ୍ଦିର ପରିସରରେ ସିପିଆଇ ଆଞ୍ଚଳିକ ପରିଷଦର କବିସୂର୍ଯ୍ୟନଗର ଶାଖା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ସିପିଆଇର ବରିଷ୍ଠ ନେତା ତଥା ମଜଦୁର ଶ୍ରମିକ ନେତା ପ୍ରବୀଣ କୁମାର ଦାସଙ୍କୁ ପ୍ରାର୍ଥୀ କରାଯିବା ନେଇ ଆଲୋଚନା ହୋଇଥିଲା । ଦାସ ବର୍ତ୍ତମାନ ଦଳର ଆଞ୍ଚଳିକ ସମ୍ପାଦକ । ବୈଠକରେ ମହନ୍ତର ସାହୁଙ୍କ ସଭାପତିତ୍ୱରେ ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାସ, ସୁଦର୍ଶନ ସ୍ୱାଇଁ, ମଜିଦ ଖାଁ, ମୋରାଜୀ ନାୟକ ସମେତ ବହୁ କର୍ମୀ ଯୋଗଦେଇଥିଲେ ।

# ବୁଗୁଡ଼ା ଏନ୍‌ଏସିକୁ ଖୋଲା ଶୌଚମୁକ୍ତ ଘୋଷଣା

**ବୁଗୁଡ଼ା,୧୦ା୧୨(ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସିର ସମସ୍ତ ୱାର୍ଡକୁ ସୋମବାର ଖୋଲା ଶୌଚମୁକ୍ତ ଘୋଷଣା କରାଯାଇଛି । ଏ ନେଇ ରଶ୍ମିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ବୁଗୁଡ଼ା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି, ତହସିଲଦାର ସଂଗ୍ରାମ କେଶରୀ ଜେନା ସମ୍ମାନିତ ଅତିଥି, ସାଂସଦ ପ୍ରତିନିଧି ଧୋବା ସ୍ୱାଇଁ, ଜିଲା ପରିମଳ ବିଶେଷଜ୍ଞ ସୁମିତ କୁମାର ବେହେରା ପ୍ରମୁଖ ଯୋଗଦେଇ ଏନଏସିର ୧୩ଟି ୱାର୍ଡକୁ ଖୋଲା ଶୌଚମୁକ୍ତ ୱାର୍ଡ ଘୋଷଣା କରିଥିଲେ । ଏହି ଅବସରରେ ବିଧାୟକ ୭୪ ଜଣ ବସ୍ତିବାସିନ୍ଦା ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ । ବିଜୁ ଯୁବ ବାହିନୀର ସଂଯୋଜକ ରାଜେନ୍ଦ୍ର କୁମାର ପ୍ରଧାନ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



ଶିବରାମ



ହିମାଂଶୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

CLASSIFIED DISPLAY




TATOO REMOVAL
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK
FOR ALL YOUR QUERIES :
9238008828

TRISAKHA GREEN
(FARM HOUSE PLOTS)
On Bhubaneswar-Puri Road Near Mangalpur NH 316
- Well Developed Homestead Plot.
- For Future Investment Purpose.
- Entire Project is Electrifield.
- Bank Finance is also available.
- Reasonable Price.
- First Possession then Registration.

Rs. 190/- Per Sq. ft

Mob: 7326837199, 9861747353

## ଟିକାବାଲି, ନିୟନ୍ତ୍ରିତ ବଜାର କମିଟି, ରାଇକିଆ, ଜିଲ୍ଲା-କନ୍ଧମାଳ

### ବିଜ୍ଞାପନ

ଏତଦ୍ୱାରା ବାଲିଗୁଡ଼ା ଉପଖଣ୍ଡ ଅଞ୍ଚଳର ସମସ୍ତ ଧାନଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନଙ୍କର ନିଷ୍ପତ୍ତିକ୍ରମେ ଗତବର୍ଷ ଭଳି ଚଳିତ ବର୍ଷ ୨୦୧୮-୧୯ ବର୍ଷ ସକାଶେ LAMPCS ଦ୍ୱାରା ଧାନ କ୍ରୟ କରାଯିବା ପାଇଁ ନିମ୍ନଲିଖିତ ଦିନ ଓ କ୍ରୟ ସ୍ଥାନ ସ୍ଥିର କରାଯାଇଛି। ଏହି କ୍ରୟ ତା୧୪ା୧୨ା୨୦୧୮ରିଖ ଠାରୁ ତା୩୦ା୦୪ା୨୦୧୯ ରିଖ ମଧ୍ୟରେ ଶେଷ କରାଯିବାକୁ ନିଷ୍ପତ୍ତି ହୋଇଅଛି। ଏଣୁ ଆପଣମାନେ ନିଜର ବଳକା ଧାନଗୁଡ଼ିକୁ ଭଲଭାବରେ ଶୁଖାଇ, ସଫାକରି ବଜାର ପ୍ରାଙ୍ଗଣକୁ ଆଣନ୍ତୁ ଏବଂ ଲ୍ୟାମ୍ପସ୍‌କୁ ବିକ୍ରୟ କରି ଉଚିତ ଦର ପାଇ ଲାଭବାନ ହୁଅନ୍ତୁ।

| କ୍ର. ନଂ. | କ୍ରୟ ସଂସ୍ଥାର ନାମ | ସ୍ଥାନର ନାମ | ଦିନ ଓ ବାର | କ୍ରୟ ସ୍ଥାନ |
|---|---|---|---|---|
| ୧. | ସୁଦ୍ରା ଲ୍ୟାମ୍ପସ୍ | ସୁଦ୍ରା | ବୁଧବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୨. | ସୁଦ୍ରା ଲ୍ୟାମ୍ପସ୍ | ଲଣ୍ଡାଗାଁ | ସୋମବାର ଓ ଶୁକ୍ରବାର | ବେସରକାରୀ ଗୋଦାମ |
| ୩. | ବାଲିଗୁଡ଼ା ଲ୍ୟାମ୍ପସ୍ | ବାଲିଗୁଡ଼ା | ମଙ୍ଗଳବାର | ଦଣ୍ଡପଦର ବେସରକାରୀ ଗୋଦାମ |
| ୪. | କ.ନୂଆଗାଁ ଲ୍ୟାମ୍ପସ୍ | କ.ନୂଆଗାଁ | ସୋମବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୫. | ସାରଙ୍ଗଡ଼ ଲ୍ୟାମ୍ପସ୍ | ସାରଙ୍ଗଡ଼ | ମଙ୍ଗଳବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୬. | ଗୁଞ୍ଜିବାଡ଼ି ଲ୍ୟାମ୍ପସ୍ | ଗୁଞ୍ଜିବାଡ଼ି | ଶନିବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୭. | କୋଟଗଡ଼ ଲ୍ୟାମ୍ପସ୍ | କୋଟଗଡ଼ | ମଙ୍ଗଳବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୮. | ତୁମୁଡ଼ିବନ୍ଧ ଲ୍ୟାମ୍ପସ୍ | ତୁମୁଡ଼ିବନ୍ଧ | ସୋମବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୯. | ଦାରିଙ୍ଗବାଡ଼ି ଲ୍ୟାମ୍ପସ୍ | ଦାରିଙ୍ଗବାଡ଼ି | ଶୁକ୍ରବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୧୦. | ବ୍ରାହ୍ମଣୀଗାଁ ଲ୍ୟାମ୍ପସ୍ | ବ୍ରାହ୍ମଣୀଗାଁ | ଶନିବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୧୧. | ଶଙ୍କରାଖୋଲ ଲ୍ୟାମ୍ପସ୍ | ଶଙ୍କରାଖୋଲ | ଶନିବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୧୨. | ଚକାପାଦ ଲ୍ୟାମ୍ପସ୍ | ଚକାପାଦ | ବୁଧବାର, ଶୁକ୍ରବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୧୩. | ଟିକାବାଲି ଲ୍ୟାମ୍ପସ୍ | ଟିକାବାଲି | ବୁଧବାର, ଶନିବାର | ଆର୍.ଏମ୍.ସି. ବଜାର ପ୍ରାଙ୍ଗଣ |
| ୧୪. | ଗଦଗୁଡ଼ା ଲ୍ୟାମ୍ପସ୍ | ଗୁଟିଙ୍ଗିଆ | ମଙ୍ଗଳବାର | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ |
| ୧୫. | ଘୁ.ଉଦୟଗିରି ଲ୍ୟାମ୍ପସ୍ | ଘୁ.ଉଦୟଗିରି | ଶୁକ୍ରବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୧୬. | ଲିଙ୍ଗାଗଡ଼ ଲ୍ୟାମ୍ପସ୍ | ଲିଙ୍ଗାଗଡ଼ | ବୁଧବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୧୭. | ଇନ୍ଦ୍ରଗଡ଼ ଲ୍ୟାମ୍ପସ୍ | ଇନ୍ଦ୍ରଗଡ଼ | ସୋମବାର ଓ ଶନିବାର | ଲ୍ୟାମ୍ପସ୍ କାର୍ଯ୍ୟାଳୟ |
| ୧୮. | ରାଇକିଆ ଲ୍ୟାମ୍ପସ୍ | ରାଇକିଆ | ମଙ୍ଗଳବାର | ଆର୍.ଏମ୍.ସି. ବଜାର ପ୍ରାଙ୍ଗଣ |

ଚାଷୀ ଧାନ ବିକ୍ରୟ କରିବା ନିମନ୍ତେ ନିଜର ପରିଚୟ ପାଇଁ ବ୍ୟାଙ୍କ ପାସ୍‌ବହି, ପଟ୍ଟା, କିଷାନ କ୍ରେଡିଟ୍ କାର୍ଡ, ଆଧାର କାର୍ଡ, ରାଜସ୍ୱ ବିଭାଗର ପ୍ରମାଣପତ୍ର ସାଙ୍ଗରେ ଆଣିବା ନିତାନ୍ତ ଆବଶ୍ୟକ। ଯେଉଁ ଚାଷୀ ଭାଇମାନେ ପଞ୍ଜୀକୃତ ହୋଇନାହାନ୍ତି, ସେମାନେ ସମ୍ପୃକ୍ତ ଲ୍ୟାମ୍ପସ୍ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।

**ଧାନର ଦର (କ୍ୱିଣ୍ଟାଲ ପ୍ରତି) ଏଫ୍.ଏ.କ୍ୟୁ. (F.A.Q.)**

| କ୍ର.ନଂ. | କିସମ | ମୂଲ୍ୟ |
|---|---|---|
| ୧. | ସାଧାରଣ ଧାନ | ଟ. ୧୭୫୦/- |
| ୨. | ଗ୍ରେଡ୍ 'କ' ଧାନ | ଟ. ୧୭୭୦/- |

**ଏଫ୍.ଏ.କ୍ୟୁ (F.A.Q.) ମାନର**

| | ମିଶ୍ରିତ ପଦାର୍ଥ | ସର୍ବୋଚ୍ଚ ସୀମା ପରିମାଣ (%) |
|---|---|---|
| ୧. | ବାହ୍ୟ ପଦାର୍ଥ | |
| | କ) ଅଜୈବିକ-ବାଲି,ଗୋଡ଼ି, ପଥର, ଧୂଳି ଇତ୍ୟାଦି | ୧% |
| | ଖ) ଜୈବିକ-କାଠି, କୁଟା, ଧୂଷ, ଅଗାଡ଼ି, ପୋଲ | ୧% |
| ୨. | ଖରାପ, ବେରଙ୍ଗୀ ପାଣିଫୁଲା ବା ପୋକଖିଆ ଇତ୍ୟାଦି | ୫% |
| ୩. | ଅପରିପକ୍ୱ, କଞ୍ଚା, ସବୁଜ ବଙ୍କା ଇତ୍ୟାଦି | ୩% |
| ୪. | ଅନ୍ୟ କମ୍ ଗୁଣ ମିଶ୍ରିତ ଧାନ | ୬% |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

॥ ସଫା ଶୁଖିଲା ଧାନ ଦିଅ, ଉଚିତ୍ ମୂଲ୍ୟ ଘରକୁ ନିଅ ॥

**ଯୋଗାଯୋଗ:** ଜିଲ୍ଲା ପରିଚାଳକ, ଓଡ଼ିଶା ରାଜ୍ୟ ବେସାମରିକ ଯୋଗାଣ ନିଗମ ଲିଃ
କନ୍ଧମାଳ: ୯୪୩୮୨୦୦୦୪୬, (୦୬୮୪୨) ୨୫୩୬୭୦
ଏ.ସି.ଏସ୍.ଓ., ବାଲିଗୁଡ଼ା: ୯୪୩୯୭୫୨୮୨୪, ၇୦୦၈၉၇၁၀၀၃
ଉପନିବନ୍ଧକ, ସମବାୟ ସମିତି ସମୂହ, ଫୁଲବାଣୀ: ୦୬୮୪୨-୨୫୩୭୫୯
ଟିକାବାଲି ନିୟନ୍ତ୍ରିତ ବଜାର କମିଟି, ରାଇକିଆ: ୯୪୩୮୨୧୨୪୪୯

**ସୁରେଶ ଚନ୍ଦ୍ର ବେହେରା**
ସମ୍ପାଦକ
ଟିକାବାଲି ନିୟନ୍ତ୍ରିତ ବଜାର କମିଟି, ରାଇକିଆ

**ସିନ୍ଧେ ଦତ୍ତାତେୟ ଭାଉ ସାହେବ, ଭା.ପ୍ର.ସେ.**
**ଉପଜିଲ୍ଲାପାଳ,**
ବାଲିଗୁଡ଼ା-ତଥା-ଅଧ୍ୟକ୍ଷ
ଟିକାବାଲି ନିୟନ୍ତ୍ରିତ ବଜାର କମିଟି, ରାଇକିଆ



## ସଂକ୍ଷେପରେ

### ଡିଏଲ୍‌ଏସ୍‌ଏ ପକ୍ଷରୁ ମାନବ ଅଧିକାର ଦିବସ ପାଳିତ




ବ୍ରହ୍ମପୁର ଅଫିସ୍,୧୦।୧୨: ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ କମିଟି (ଡିଏଲଏସ୍ଏ) ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗରେ ସୋମବାର ଆଇନ ସଚେତନତା ଶିବିର ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଆଇନ ବିଭାଗ ମୁଖ୍ୟ ପ୍ରଫେସର ଭାଗୀରଥି ପାଣିଗ୍ରାହୀ, ତ୍ରିଲୋଚନ ଲେଙ୍କା, ଦିଲ୍ଲୀପ ମହାପାତ୍ର, ସହକାରୀ ପ୍ରଧ୍ୟାପକ ଚିତରଞ୍ଜନ ଗାର୍ଗୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ । ମାନବିକ ଅଧିକାର ଦିବସର ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ସହ ମାନବ ଅଧିକାରକୁ ଅକ୍ଷୁଣ୍ଣ ରଖିବାରେ ଜିଲା ପ୍ରାଧିକରଣ କମିଟିର ଦାୟିତ୍ୱ ଏବଂ ଭୂମିକା ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଶିବିରାର୍ଥୀଙ୍କୁ ବୁଝାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଆଇନ ବିଭାଗ ଛାତ୍ରୀଛାତ୍ର, ପାରାଲିଗାଲ୍ ଭଲ୍ୟୁଣ୍ଟର୍ ଏବଂ ପ୍ରାଧିକରଣ କମିଟି ପକ୍ଷରୁ ପରିଚାଳନାରେ ସହଯୋଗ କରାଯାଇଥିଲା ।

### ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଆସିକା,୧୦।୧୨(ଡି.ଏନ୍.ଏ.): ଆସିକା ବ୍ରହ୍ମପୁର ୫୯ ନଂ. ଜାତୀୟ ରାଜପଥର କର୍ଣ୍ଣୋଲି ଛକରୁ କିଛି ଦୂରରେ ଏକ ନିମ୍ବ ଗଛରୁ ଝୁଲନ୍ତା ମୃତଦେହ ପୋଲିସ ସୋମବାର ସକାଳ ଉଦ୍ଧାର କରିଛି । ମୃତକଙ୍କ ପରିଚୟ ମିଳିନଥିବା ବେଳ ତାଙ୍କୁ ୬୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ଆସିକା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି । ଏ ନେଇ ଆସିକା ଥାନାରେ ନଂ. ୨୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ସନ୍ତୋଷ କୁମାର ଜେନା କହିଛନ୍ତି । ମୃତକ ବେକରେ ଗାମୁଛା ବାନ୍ଧି ଗଛ ଡାଳରେ ଝୁଲୁଥିବା ବେଳେ ତାଙ୍କର ହାତ ଦୁଇଟି ମଧ ଗାମୁଛାରେ ବନ୍ଧା ହୋଇଥିବା ଲକ୍ଷ କରାଯାଇଛି । ତେବେ ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ ।

### ଅପହୃତା ନାବାଳିକା ଗୁଜରାଟରୁ ଉଦ୍ଧାର

ଦିଗପହଣ୍ଡି,୧୦।୧୨(ଡି.ଏନ.ଏ.)- ପାଟପୁର ଥାନା ଇଲାକାର ଜଣେ ଅପହୃତା ନାବାଳିକାଙ୍କୁ ପୋଲିସ ସୋମବାର ଗୁଜୁରାଟରୁ ଉଦ୍ଧାର କରିଛି । ନଭେମ୍ବର ୨୧ରେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପାଟପୁର ଥାନାରେ ନଂ. ୨୨୫/୧୮ ଅନୁଯାୟୀ ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ । ଅଭିଯୁକ୍ତଙ୍କ ମୋବାଇଲ ଫୋନ ଟ୍ରାକିଂ କରିବାରୁ ସେମାନେ ଗୁଜୁରାଟର ସୁରତ ଅଞ୍ଚଳରେ ଥିବା ଜଣାପଡ଼ିଥିଲା । ପାଟପୁର ପୋଲିସ ଟିମ ସୁରତ ଅଞ୍ଚଳରେ ପହଞ୍ଚି ଗୁଜୁରାଟ ପୋଲିସ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ ।

## ■ ରୋଗୀଙ୍କୁ ଏକ୍ସପାଏରୀ ସାଲାଇନ୍ ଦେବା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ଘଣ୍ଟଯାତ୍ରା

ବ୍ରହ୍ମପୁର ଅଫିସ୍,୧୦।୧୨

ବ୍ରହ୍ମପୁର ବଡ ମେଡିକାଲରେ ଏକ୍ସପାଏରୀ ସାଲାଇନ୍ ଦେବା ଘଟଣାରେ ଦୋଷୀଙ୍କୁ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ବଡ ମେଡିକାଲ ସମ୍ମୁଖରେ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ୭୨ତମ ଘଣ୍ଟଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ବଡ ମେଡିକାଲ ପ୍ରଶାସନିକ ଅଧିକାରୀ ସୁଦାମ ମଣ୍ଡଳଙ୍କୁ ପ୍ରଦାନ କରାଯାଇଛି । ଏହାର ଏକକିତା ନକଲ ଅଧୀକ୍ଷକ ପ୍ରଫେସର ଡାକ୍ତର ଚରଣ ପଣ୍ଡା ଏବଂ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ରଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି । ବଡ ମେଡିକାଲରେ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପରିବର୍ତ୍ତେ ଅବହେଳା ସାଙ୍ଗକୁ ଏକ୍ସପାଏରୀ ଔଷଧ, ସାଲାଇନ୍ ଦେବା ଓ ରୋଗୀଙ୍କ ଜୀବନ ସହ ଖେଳୁଥିବା ଅଭିଯୋଗ ହୋଇଛି ।




ବଡ ମେଡିକାଲ ସମ୍ମୁଖରେ ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟ ଯାତ୍ରା ।

ସୂଚନାଯୋଗ୍ୟ, ନଭେମ୍ବର ୨୭ ତାରିଖରେ ଖଲ୍ଲିକୋଟ ଥାନା ବିକ୍ରମପୁର ଗ୍ରାମର ଯୋଗୀନାଥ ସାହୁଙ୍କ ପୁଅ ଦିବ୍ୟରଞ୍ଜନ (୨୨)ଙ୍କ ପେଟ ଯନ୍ତ୍ରଣା ହୋଇଥିଲା । ସେ ବ୍ରହ୍ମପୁର ବଡ ମେଡିକାଲକୁ ଆସିଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ଅଲଟ୍ରାସାଉଣ୍ଡ କରିବାରେ ଦିବ୍ୟରଞ୍ଜନଙ୍କ ଆପେଣ୍ଡିକ୍ସ ହୋଇଥିବାରୁ ଅପରେଶନର ଆବଶ୍ୟକତା ଥିବା କୁହାଯାଇଥିଲା । ପରେ ଅପରେଶନ ପାଇଁ ଭର୍ତ୍ତି ହୋଇଥିଲେ । ଦିବ୍ୟରଞ୍ଜନଙ୍କୁ ମେଡିକାଲ କର୍ତ୍ତୃପକ୍ଷ ସାଲାଇନ୍ ଇଞ୍ଜେକ୍ସନ ଦେଇଥିଲେ । କିନ୍ତୁ ରୋଗ କମିବା ପରିବର୍ତ୍ତେ ବୃଦ୍ଧି ପାଇଥିଲା । ପରିବାର ବର୍ଗ ଖବରନେବାରୁ ଜାଣିବାକୁ ପାଇଲେ ଯେ, ୨୮ ନଭେମ୍ବର ମଧାହ୍ନରେ ନର୍ସଙ୍କ ଦ୍ୱାରା ଦିବ୍ୟଙ୍କୁ ଦିଆଯାଇଥିବା ସାଲାଇନ୍ ଏକ୍ସପାଏରୀ ଡେଟ୍‌ରୁ ଏକ ମାସ ପାର କରିସାରିଛି । ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ସୁରେନ୍ଦ୍ର ନାଥ ପଣ୍ଡା ଓ ଗୌରୀ ଶଙ୍କର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ ।

# ୬୦ କିଲୋ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଜବତ

ବ୍ରହ୍ମପୁର ଅଫିସ,୧୦।୧୨

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସୋମବାର ପୁଣି ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଜବତ ନେଇ ଚଢାଉ କରାଯାଇଛି । ସନ୍ଧ୍ୟାରେ ବିଏମ୍‌ସି ଏନଫୋର୍ସମେଣ୍ଟ ଅଫିସର ତରୁଣକାନ୍ତଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ପୁରୁଣା ବସ୍‌ଷ୍ଟାଣ୍ଡ ବିଏସଏନଏଲ ଅଫିସ ସମ୍ମୁଖରେ ଥିବା କେକେ କମ୍ପ୍ଲେକ୍ସ, ରାଧାହେଟେଲ ସମ୍ମୁଖରେ ଥିବା ଗାର୍ମେଣ୍ଟ ଶୋ'ରୁମରୁ ବିପୁଳ ପରିମାଣରେ ପଲିଥିନ ଜବତ କରିବା ସହ ଗୋଟିଏ ଫ୍ୟାନ୍ସି ଷ୍ଟୋରକୁ ସିଲ କରିଛନ୍ତି । ଉକ୍ତ ଗାର୍ମେଣ୍ଟ ତଥା ଫ୍ୟାନ୍ସି ଷ୍ଟୋରଗୁଡିକରୁ ୬୦ କିଲୋ ଓଜନର ପଲିଥିନ ସାମଗ୍ରୀ ଜବତ କରାଯାଇଥିବା ବେଳେ ୧୯,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବିଏମସି ପକ୍ଷରୁ କୁହାଯାଇଛି ।

**ବିଏମ୍‌ସିର ଚଢାଉ**



ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପଲିଥିନ ଜବତ କରୁଛନ୍ତି ।

# ମାଳି ଜଗନ୍ନାଥପୁରରେ ଲାଗିଲା ଘରଚଟିଆ ବସା




କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ ଓ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ୍, ୧୦।୧୨

ଆଞ୍ଚଳିକ ବିକାଶ ପରିଷଦ ଓ ଭରସା ପକ୍ଷରୁ ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତ ମାଳି ଜଗନ୍ନାଥପୁରରେ ଘରଚଟିଆ ସଂରକ୍ଷଣ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି । ଦୁର୍ଗାମାଧବ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା ଯୋଗଦେଇ ଘର ଚଟିଆଙ୍କ ସୁରକ୍ଷା ଓ ବଂଶବିସ୍ତାର ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ । ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ଜି. ସନ୍ତୋଷ ରେଡ୍ଡୀ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ପ୍ରମୋଦ କୁମାର ପଣ୍ଡା, ହୃଷୀକେଶ ପଣ୍ଡା, କବୀନ୍ଦ୍ର ଜେନା ଓ ଧର୍ମରାଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଲୋକଙ୍କୁ ମାଗଣାରେ କୃତ୍ରିମ ଘର ଚଟିଆ ବସା ଓ ଖାଦ୍ୟସ୍ଥଳୀ ବଣ୍ଟନ କରାଯାଇଥିଲା । ବିଜେନ୍ଦ୍ର ମାଝି, ରାକେଶ ବିଷୋୟୀ, ବନମାଳୀ ପ୍ରଧାନ, ସିଲୁ ମହାନ୍ତି ଓ ଲିଙ୍ଗରାଜ ଆଚାରୀଙ୍କ ସମେତ ବହୁ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଖଲ୍ଲିକୋଟ କଲେଜ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ବ୍ରହ୍ମପୁର ଅଫିସ୍,୧୦।୧୨

ବ୍ରହ୍ମପୁର ଖଲ୍ଲିକୋଟ କଲେଜର ୧୯୮୫ ବ୍ୟାଚ ସ୍ନାତକୋତ୍ତର ପୁରାତନ ଛାତ୍ରୀଛାତ୍ରଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋପାଳପୁର ବେଳାଭୂମିରେ ଆୟୋଜିତ କାର୍ଯ୍ୟକ୍ରମକୁ ଡ. ଶଙ୍କର ମାଝି ସଂଯୋଜନା କରିଥିଲେ । ଏହି ଅବସରରେ ସେମାନଙ୍କ ମଧ୍ୟରେ କବିତା ପାଠ, ଆଧାତ୍ମିକ ସଙ୍ଗୀତ, ଅନ୍ତାକ୍ଷରୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଦୀର୍ଘ ୩୩ ବର୍ଷ ମଧ୍ୟରେ ପରଲୋକ ଘଟିଥିବା ପୁରାତନ ସହପାଠୀଙ୍କ ସ୍ମୃତିଚାରଣ କରିବା ସହ ଆତ୍ମାର ସଦ୍‌ଗତି କାମନା କରିଥିଲେ । ସନ୍ତୋଷ କୁମାର ମିଶ୍ରଙ୍କ ସମେତ ରାଜେନ୍ଦ୍ର ଜେନା, ସନ୍ତୋଷ ମିଶ୍ର, ଡ. ପୁରୁଷୋତ୍ତମ ସାହୁ, ନରେନ୍ଦ୍ର ସାହୁ, ସୁବ୍ରତ ଖାଡଙ୍ଗା, ସୁକାନ୍ତ ପ୍ରଧାନ, ଅଭୟ ପରିଚ୍ଛା ପଟ୍ଟନାୟକ, ସୁରେଶ ପଟ୍ଟନାୟକ, ସୁକାନ୍ତ ପାଣିଗ୍ରାହୀ ଓ ସୂର୍ଯ୍ୟନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

# ହତ୍ୟା ଉଦ୍ୟମ ମାମଲା, ୨ ଯୁବକ ଗିରଫ

ବ୍ରହ୍ମପୁର ଅଫିସ୍,୧୦।୧୨

ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲାରେ ଗୋପାଳପୁର ପୋଲିସ ସୋମବାର ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି ବ୍ରହ୍ମପୁର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେତୁ ସେମାନଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଦ୍ୱୟ ହେଲେ ଶୀତଳାପଲୀ ଗ୍ରାମର ସୁନିଲ ସେଠୀ(୨୪) ଓ ସନ୍ତୋଷ ସାହୁ (୨୨) । ପ୍ରକାଶଯେ, ଗତ ୬ ତାରିଖ ରାତିରେ ଗିରଫ ୨ ଅଭିଯୁକ୍ତଙ୍କର ଟାଟା କଲୋନୀ ଛକରେ କୃଷ୍ଣଚନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କ ସହିତ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା । ପରେ ଧସ୍ତାଧସ୍ତି ହେବା ସମୟରେ କୃଷ୍ଣ ରାସ୍ତା ଉପରେ ଥିବା ଏକ ସିମେଣ୍ଟ ଚଟାଣ ଉପରେ ପଡିଯାଇଥିଲେ । ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ହୋଇପଡିଥିଲେ । ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଅଧିକ ଚିକିତ୍ସା ଲାଗି କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ସେ କୋମାକୁ ଚାଲିଯାଇ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି । ଏନେଇ କୃଷ୍ଣଙ୍କ ସମ୍ପର୍କୀୟ ଭାଇ ଶିବରାମ ଦାସ ଥାନାରେ ଗତ ୮ତାରିଖରେ ଏତଲା ଦେଇଥିଲେ । ପୋଲିସ ନଂ. ୧୫୨/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସୋମବାର ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।



ଗିରଫ ଅଭିଯୁକ୍ତ ସୁନିଲ ଓ ସନ୍ତୋଷ ।

# ମହିଳାଙ୍କୁ କମେଣ୍ଟ ମାରି ଯୁବକ ଗିରଫ

ବ୍ରହ୍ମପୁର ଅଫିସ୍,୧୦।୧୨

ଜଣେ ବିବାହିତା ମହିଳାଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ବଡବଜାର ପୋଲିସ ସୋମବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେତୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଗିରଫ ଯୁବକ ହେଲେ ବଡବଜାର ଥାନା ପୁରୁଣା ବ୍ରହ୍ମପୁର କୁଠାରୀ ମନ୍ଦିର ସାହିର ଜୁଗୁନୁ ସେଠୀ (୨୫) । ପ୍ରକାଶଯେ, ଗତ କିଛି ଦିନ ହେଲା ଜୁଗୁନୁ ଶାଳିଆବନ୍ଧ ସାହିର ଜଣେ ବିବାହିତା ମହିଳାଙ୍କୁ ରାସ୍ତାରେ ଯାତାୟାତ ସମୟରେ କମେଣ୍ଟ ମାରିହଇରାଣ ହରକତ କରୁଥିଲେ । ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୦୫/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ସୋମବାର ଜୁଗୁନୁଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ପୁଷ୍ପାଞ୍ଜଳି ହାଜରା ସୂଚନା ଦେଇଛନ୍ତି ।

# ସାପ କାମୁଡ଼ାରେ ଶ୍ରମିକ ମୃତ, ସରକାରୀ ସହାୟତା ଦାବି

ବ୍ରହ୍ମପୁର ଅଫିସ୍,୧୦।୧୨

ସାପ କାମୁଡାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ଶ୍ରମିକଙ୍କର ସୋମବାର ମୃତ୍ୟୁ ଘଟିଛି । ସେ ହେଲେ ଦିଗପହଣ୍ଡି ଥାନା କଲ୍ୟାଣପୁର ଗ୍ରାମର ଅଭି ସାସମଲ (୬୦) । ଅଭି କୃଷକ ହୋଇଥିବା ବେଳେ ନଭେମ୍ବର ୨୦ ତାରିଖ ପୂର୍ବାହ୍ନରେ ଗୁଣ୍ଡପଡା ଗ୍ରାମର ବାଙ୍କିଆ ପାତ୍ରଙ୍କ ଜମିରେ ଧାନ କାଟୁଥିଲେ । ଏହି ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଦିଗପହଣ୍ଡି ମେଡିକାଲ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ୨୦ ଦିନ ଚିକିତ୍ସା ପରେ ସୋମବାର ଅଭିଙ୍କର ମୃତ୍ୟୁ ଘଟିଛି । ଏନେଇ ବୈଦ୍ୟନାଥପୁର ପୋଲିସ ନଂ. ୬୧୫/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।



ବ୍ରହ୍ମପୁର ବଡ ମେଡିକାଲରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୃତକଙ୍କ ସ୍ତ୍ରୀଙ୍କ ସହିତ ଆଲୋଚନା କରୁଛନ୍ତି ।

ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସାପ କାମୁଡାରେ ମୃତ୍ୟୁ ଜନିତ କ୍ଷତିପୂରଣ ରାଶି ମିଳିବ ବୋଲି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

## ■ ଜାଲ ଦସ୍ତଖତରେ ଟଙ୍କା ଉଠାଣ ଉଦ୍ୟମ ମାମଲା

# ଅଭିଯୁକ୍ତଙ୍କୁ ମିଳିଲା ଜାମିନ

ବ୍ରହ୍ମପୁର ଅଫିସ୍,୧୦।୧୨

ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ଜାଲ ଦସ୍ତଖତରେ ଦିଗପହଣ୍ଡି ବ୍ୟାଙ୍କ୍ ଅଫ୍ ବରୋଦା ଶାଖାରୁ ଟଙ୍କା ଉଠାଣ ଉଦ୍ୟମ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ କୃଷ୍ଣଚନ୍ଦ୍ର ସେଠୀଙ୍କୁ ସୋମବାର ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ ଦୀପକ କୁମାର ଜାମିନ ମଞ୍ଜୁର କରିଛନ୍ତି । ଅଭିଯୁକ୍ତ କୃଷ୍ଣଙ୍କୁ ଦୁଇ ଜଣ ଜାମିନଦାର ଏବଂ ୩୦ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ଜାମିନ ଦିଆଯାଇଥିବା ସୂଚନା ମିଳିଛି । ଏହା ସହିତ ଅଦାଲତରେ ପୋଲିସ ସିଡୀ ଦାଖଲ କରିବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପ୍ରତ୍ୟେକ ସପ୍ତାହରେ ଥାନାରେ ହାଜର କରାଯିବା ନେଇ ସର୍ତ୍ତ ରହିଥିବା ଆଇନଜୀବୀ ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି । ପ୍ରକାଶଯେ, ନଭେମ୍ବର ୨୦ରେ କୃଷ୍ଣ ବ୍ୟାଙ୍କ୍ ଅଫ୍ ବରୋଦାରୁ ତହସିଲଦାରଙ୍କ ଜାଲ ଦସ୍ତଖତ କରି ୩୦ ହଜାର ୨୮୪ ଟଙ୍କା ଉଠାଣ ଉଦ୍ୟମ କରୁଥିବା ବେଳେ ଧରାପଡିଥିଲେ । ଏନେଇ ଦିଗପହଣ୍ଡି ତହସିଲଦାର ଥାନାରେ ରିପୋର୍ଟ ଦେବା ପରେ ପୋଲିସ ନଂ. ୧୧୪/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ନଭେମ୍ବର ୨୩ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ରୋଲର ସ୍କେଟିଂ ହକି ଶିବିର ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୦।୧୨

ବ୍ରହ୍ମପୁର ସ୍କେଟିଂ ଏକାଡେମୀ ପକ୍ଷରୁ ସ୍ଥାନୀୟ ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲରେ ଚାଲିଥିବା ୩ ଦିନିଆ ରୋଲର ସ୍କେଟିଂ ହକି ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଆନ୍ତର୍ଜାତୀୟ ଖେଳାଳି ତଥା ଜାତୀୟସ୍ତର ସ୍ୱର୍ଣ୍ଣପଦକ ବିଜେତା ମହମ୍ମଦ ସିଦ୍ଦିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରର ଉଦ୍‌ଯାପନୀ ଦିବସରେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ସହକାରୀ ନିର୍ଦ୍ଦେଶକ ଡ.ହୃଷୀକେଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଯୁବ ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁଚରଣ ପାତ୍ର, ଏକାଡେମୀ ସମ୍ପାଦକ ଟି. ଅନିଲ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏକାଡେମୀର କୋଚ ବିଭୂତି ଜେନା ସଂଯୋଜନା କରିଥିବା ବେଳେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଏହି ଶିବିରରେ ମନୋନୀତ ୯ ଖେଳାଳି ଆସନ୍ତା ୧୮ ରୁ ୨୩ ତାରିଖ ମଧ୍ୟରେ ବିଶାଖାପାଟଣାରେ ଅନୁଷ୍ଠିତ ହେବାକୁ ଥିବା ୫୬ତମ ଜାତୀୟ ପ୍ରତିଯୋଗିତାରେ ଭାଗନେବା ନେଇ ଏକାଡେମୀ ପକ୍ଷରୁ କୁହାଯାଇଛି ।




ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି ।

# ଜୈବିକ କୃଷି ଉପରେ ମହିଳା ଚାଷୀଙ୍କୁ ତାଲିମ

ବ୍ରହ୍ମପୁର ଅଫିସ,୧୦।୧୨

ବ୍ରହ୍ମପୁର ଲୋଚାପଡାସ୍ଥିତ ମାରୁତି ଫୁଡସ ତାଲିମ କେନ୍ଦ୍ର ଏବଂ କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା) ଆନୁକୂଲ୍ୟରେ ଜୈବିକ ତଥା ସମନ୍ୱିତ କୃଷି ଉପରିସ୍ଥ ଏକ ଦୁଇଦିନିଆ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି । ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ଶିବିରକୁ ଉଦ୍‌ଘାଟନ କରି ଜୈବିକ କୃଷିର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ବିଜ୍ଞାନ ଯୁଗରେ ରସାୟନିକ ସାମଗ୍ରୀର ଅତ୍ୟଧିକ ବ୍ୟବହାର ଖାଦ୍ୟଶସ୍ୟକୁ ବିଷାକ୍ତ କରୁଛି । ଯାହା ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ବହୁ ନୂତନ ରୋଗ ସୃଷ୍ଟି କରୁଛି । ଏଥିସହ ପରିବେଶ, ପ୍ରକୃତିକୁ ମଧ ପ୍ରଭାବିତ କରୁଛି । ତେଣୁ ବର୍ତ୍ତମାନ ସମୟରେ ଜୈବିକ କୃଷି ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ । ତାଲିମ କେନ୍ଦ୍ର ଅଧକ୍ଷ ପ୍ରଶାନ୍ତ କୁମାର ମୁନିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୟୂର ସୁରକ୍ଷା ସମିତି ସଭାପତି ସମୀର କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଆର୍ଯ୍ୟଭଟ୍ଟ ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିକ୍ଷାବିତ ସୁଧୀର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଶୁତୋଷ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଏଥିରେ ବୁଗୁଡା ଓ ଗଞ୍ଜାମ ବ୍ଲକର ୪୫ ମହିଳା ଚାଷୀ ଭାଗ ନେଉଛନ୍ତି । ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମହିଳା ଚାଷୀମାନେ କିପରି ବିନା ଖର୍ଚ୍ଚରେ ଜୈବିକ ଓ ସମନ୍ୱିତ କୃଷି ପ୍ରଣାଳୀ ମାଧ୍ୟମରେ ଦୁଇଗୁଣା ଆଦାୟ କରିପାରିବେ ସେ ନେଇ ତାଲିମ ପ୍ରଦାନ କରାଯିବ । ଏହି ଅବସରରେ ଅରୁଣ ଭୁକ୍ତା ଓ ଡି. ନାରାୟଣଙ୍କୁ ଜୈବିକ ଚାଷ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଆକାଶବାଣୀର ସୁଧାକର ବେହେରା ଓ ନଳିନୀକାନ୍ତ ଗୌଡଙ୍କ ସମେତ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ସଂକ୍ଷେପରେ

### ବ୍ୟବସାୟୀ ଆକ୍ରମଣକାରୀ ଗିରଫ

**କ.ନୂଆଗାଁ,୧୦ା୧୨(ଡି.ଏନ୍.ଏ.):** କ.ନୂଆଗାଁ ହାଟ ବ୍ୟବସାୟୀ ପବନ ସିଂଙ୍କ ଆକ୍ରମଣକାରୀ ରଞ୍ଜିତ ଦିଗାଲଙ୍କୁ ପୋଲିସ ରବିବାର ରାତି ୧୦ଟାରେ ଗିରଫ କରିଥିଲା। ଏ ନେଇ ସୋମବାର ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚାନ୍ଦ ମଣିସିଂ ପ୍ରକାଶ କରିଛନ୍ତି। ଓଆଇସି ରଚିତା ମାଡ଼କାମୀ ଉକ୍ତ ମାମଲାର ତଦନ୍ତ କରୁଛନ୍ତି। ପବନ ହାଟରେ ଶୀତବସ୍ତ୍ର ବିକ୍ରି କରୁଥିବାବେଳେ ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଆସି ହଠାତ୍ ଟାଙ୍ଗିଆରେ ଆକ୍ରମଣ କରିଥିଲେ।

### ଏନ୍ଏସି କାଉନସିଲରଙ୍କ ସରିଲା କାର୍ଯ୍ୟକାଳ

**ଜି.ଉଦୟଗିରି,୧୦ା୧୨(ଡି.ଏନ.ଏ.):** ଜି.ଉଦୟଗିରି ଏନ୍ଏସି କାଉନସିଲର କାର୍ଯ୍ୟକାଳ ଶନିବାର ଠାରୁ ସରିଛି । ବାଲିଗୁଡ଼ା ଉପଜିଲାପାଳଙ୍କୁ ନୂତନ ନିର୍ବାଚିତ କାଉନ୍ସିଲ ବୈଠକ ପର୍ଯ୍ୟନ୍ତ ଏନ୍ଏସିର ଅଧକ୍ଷ ଦାୟିତ୍ୱ ତୁଲାଇବାକୁ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ପ୍ରକାଶ କରିଛି । ଜି.ଉଦୟଗିରି ଏନ୍ଏସିର ଗତ କାଉନ୍ସିଲର ନିର୍ବାଚନ ଡିସେମ୍ବର ୨, ୨୦୧୩ରେ ହୋଇଥିଲା । ପ୍ରଥମ ବୈଠକ ୯ ଡିସେମ୍ବର ୨୦୧୩ରେ ହୋଇଥିଲା। କାଉନସିଲରଙ୍କ ୫ ବର୍ଷ କାର୍ଯ୍ୟକାଳ ସରିଯାଇଛି। ବିଦାୟୀ ଅଧକ୍ଷ ପି.ସଞ୍ଜୀବ କୁମାର ପାତ୍ର ଏନ୍ଏସିବାସୀ ୫ ବର୍ଷ ଧରି ତାଙ୍କୁ ସହଯୋଗ କରିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛନ୍ତି। ବାଲିଗୁଡ଼ା ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଜି.ଉଦୟଗିରି ଏନ୍ଏସି ଅଧକ୍ଷ ଦାୟିତ୍ୱରେ ରହିବେ ବୋଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର କହିଛନ୍ତି ।

### କ୍ଷୁଦ୍ର ଶିଳ୍ପ, ଉଦ୍ୟୋଗକାରୀ ପାଇଁ ସଚେତନ କର୍ମଶାଳା

**କୁକୁଡ଼ାଖଣ୍ଡି,୧୦ା୧୨(ଡି.ଏନ.ଏ.):** କୁକୁଡ଼ାଖଣ୍ଡି ପଞ୍ଚାୟତ ପରିସରରେ କ୍ଷୁଦ୍ର ଶିଳ୍ପ ଓ ଉଦ୍ୟୋଗକାରୀମାନଙ୍କ ପାଇଁ ଏକ ସଚେତନ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲା ଶିଳ୍ପ କେନ୍ଦ୍ର ବ୍ରହ୍ମପୁର ପକ୍ଷରୁ ଗ୍ରାମ୍ୟ ଜନସେବା ସମ୍ପାଦକ କୃଷ୍ଣ ଚନ୍ଦ୍ର ଦାଶ ଏହି କର୍ମଶାଳା ଆୟୋଜନ କରିଥିଲେ। ବ୍ଲକର ଏକ ଶହ କ୍ଷୁଦ୍ର ଶିଳ୍ପ ଓ ଉଦ୍ୟୋଗକାରୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ କୁକୁଡ଼ାଖଣ୍ଡି ଆଇପିଓ ଭାଗିରଥୀ ପୃଷ୍ଟି ଓ ଆଇଓବି ଶାଖା ପରିଚାଳକ ଯୋଗଦେଇ ଉପସ୍ଥିତ ବ୍ୟକ୍ତିଙ୍କୁ କିଭଳି ସଫଳ ହୋଇ ଆର୍ଥିକ ସ୍ଥିତି ଦୃଢ଼ ହୋଇପାରିବ ସଚେତନ କରାଇବା ସହ ପରାମର୍ଶ ଦେଇଥିଲେ।

### ଚାନ୍ଦପୁର ବଜାରରେ ଟ୍ରାଫିକ୍ ସମସ୍ୟା

**ଟିକିଟି,୧୦ା୧୨(ଡି.ଏନ.ଏ.):** ଟିକିଟି ବ୍ଲକ୍ ଚାନ୍ଦପୁର ବଜାରରେ ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି । ଏହା ଉପରେ ଲାଲମେଣ୍ଟା, ଚାନ୍ଦପୁର, ନୂଆପଡା, ବମକେଇ, ଗୌଡଗାଁ ଆଦି ୫ ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ବଜାରରେ ୬୦ରୁ ଉର୍ଦ୍ଧ୍ୱ ଦୋକାନ ଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନୀମାନେ ମଧ ନିଜ ନିଜ ବ୍ୟବସାୟ ଚଳାଉଛନ୍ତି। ବସ୍, ଅଟୋ, ମାଲବୋଝେଇ ଟ୍ରକ୍‌ଗୁଡିକ ମଧ ଉକ୍ତ ରାସ୍ତାରେ ପାର୍କିଂ କରୁଥିବାରୁ ସମସ୍ୟା ଆହୁରି ବଢ଼ିଯାଉଛି। ଚାନ୍ଦପୁର ବଜାରରେ ଏକ ବସ୍‌ଷ୍ଟାଣ୍ଡ, ବିଶ୍ରାମାଗାର, ଶୌଚାଳୟ ନିର୍ମାଣ ଜରୁରି ହୋଇପଡିଛି ବୋଲି ସରପଞ୍ଚ ମନୋଜ କୁମାର ସାହୁ କହିଛନ୍ତି। ବଜାରରେ ଥିବା ସମସ୍ୟାଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି । ଅଳ୍ପ ଦିନ ହେଲା ଏଠାରେ ନିଯୁକ୍ତ ହୋଇଥିବାରୁ ସେଭଳି ସମସ୍ୟା ନଜରକୁ ଆସି ନ ଥିବା ଟିକିଟି ବିଡିଓ ଫାଲ୍‌ଗୁନୀ ମାଝି କହିଛନ୍ତି। ତେବେ ଆବଶ୍ୟକ ପଡିଲେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

### 'ପିଠା' ସଚେତନତା ପାଇଁ ପ୍ରସ୍ତୁତି ବୈଠକ

**ରାଇକିଆ,୧୦ା୧୨(ଡ଼ି.ଏନ.ଏ):** ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଗୁଡ଼ିକର ସଚେତନତା ପାଇଁ ଏବଂ ଏହା କିପରି ସଠିକ ଭାବେ ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ ସେ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତିସଭ୍ୟ ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଜିପିଓ ରବୀନ୍ଦ୍ର ନାଥ ବେହେରା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ଏହାର ସଫଳ ରୂପାୟନ କିପରି ହୋଇପାରିବ ଆଲୋଚନା କରିଥିଲେ । ୩ ମାସ ମଧରେ ବିଭିନ୍ନ ପଞ୍ଚାୟତରେ ଲୋକଙ୍କୁ ଅଧିକାର ସମ୍ପର୍କରେ ସଚେତନ କରାଯିବ। ବୈଠକରେ ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ, ବିଡ଼ିଓ ରଶ୍ମି ରଞ୍ଜନ ମହନ୍ତ ଉପସ୍ଥିତ ଥିଲେ ।

# ବେଧଡ଼କ ଚାଲିଛି ପାହାଡ଼ ବିସ୍ଫୋରଣ

## ପ୍ରଶାସନର ନିଘା ନାହିଁ

**କବିସୂର୍ଯ୍ୟନଗର,୧୦ା୧୨**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳରେ ବେଆଇନ ଭାବେ ବେଧଡକ ପାହାଡ ଫଟା ଚାଲିଛି। ବିରାଟ ପାହାଡସବୁ ଧ୍ୱଂସ ହୋଇଗଲାଣି। କମ୍ପ୍ରେସର ଦ୍ୱାରା ମାଫିଆମାନେ ବିସ୍ଫୋରଣ କରୁଛନ୍ତି। ଏପରିକି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରି କମ୍ପ୍ରେସର ବ୍ୟବହାରରେ ୧୮ ବର୍ଷରୁ କମ୍ ଗରିବ ଶ୍ରେଣୀର ନାବାଳକମାନଙ୍କୁ ନିୟୋଜିତ କରାଯାଉଛି। ଜୋର୍‌ରେ ଶବ୍ଦ ଯୋଗୁ ପାହାଡରେ ରହୁଥିବା ଜୀବଜନ୍ତୁଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡୁଛି। ଜରଡ ଛକଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା କ୍ୱାରିରେ ବେଆଇନ ଭାବେ ବିସ୍ଫୋରଣ କରି ପଥର ଫଟା ଯାଉଛି। ଗଛ ନଷ୍ଟ ହେବା ସହ ଚାଷଜମିରେ ଧୂଳି, ବାଲି ଓ ପଥରଖଣ୍ଡ ପଡି ବ୍ୟାପକ ଫସଲ କ୍ଷତି ହେବା ସହ ଚାଷଜମି ଉର୍ବରତା ହରାଉଛି। ଏପରିକି କମ୍ପନ ଯୋଗୁ ଘର କାନ୍ଥ ମଧ ଫାଟୁଥିବା ନଜିର ରହିଛି।

ତାଲିଆମାପଲୀ, ବକ୍ସିପଲୀ, ଏନାରବଗଡ, ସାନ୍ତରାବଗଡ ଓ ଜରଡ ଛକ ଠାରୁ ଉତ୍ତରକୁ ୨୦୦ ମିଟର ଦୂରରେ ମେସିନ ଦ୍ୱାରା ପାହାଡ ଫଟା ଯାଉଛି। ଏପରିକି ଗୋଟିଏ ପାହାଡର ୭/୮ଟି ସ୍ଥାନରେ ମେସିନ ବ୍ୟବହୃତ ହେଉଛି। ଜରଡ ଛକ ପଥର କ୍ୱାରିରେ ଏକ ବେଆଇନ ପିଚୁ କାରଖାନା ମଧ ଥିବା ଜଣାପଡିଛି। ଟ୍ରାକ୍ଟରରୁ ବିନା ୱାଇ ଫର୍ମରେ ଜରିମାନା ଆଦାୟ କରାଯାଉଥିଲେ ସୁଦ୍ଧା କ୍ରସର ମାନଙ୍କ ଠାରୁ ଜରିମାନା ଆଦାୟ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ବିପୁଳ ରାଜସ୍ୱ କ୍ଷତି ହେଉଛି। ମାତ୍ର ଲିଜ୍‌ଧାରୀ ଏଗ୍ରିମେଣ୍ଟ ଠାରୁ ବହୁ ଗୁଣରେ ପଥର ଉତ୍ତୋଳନ କରି ମାଲାମାଲ୍ ହେଉଛନ୍ତି। ଏଣୁ ଏଥିପ୍ରତି ଜିଲା ପ୍ରଶାସନ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଏନେଇ ସ୍ଥାନୀୟ ତହସିଲଦାର ପ୍ରକାଶ ମିଶ୍ର କୁହନ୍ତି, ସମସ୍ତ କ୍ରସରମାଲିକଙ୍କୁ ନିଜ ନିଜର ଲାଇସେନ୍ସ ଆଣିବାକୁ କୁହାଯାଇଛି। ବେନିୟମ ଓ ପରିସୀମା ଠାରୁ ଅଧିକ ପଥର ବ୍ଲାଷ୍ଟିଂ ଏବଂ ମେସିନ ଦ୍ୱାରା ବ୍ଲାଷ୍ଟିଂ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପାହାଡ ବିସ୍ଫୋରଣ କରାଯାଉଥିବା ସ୍ଥାନ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



କୃତୀ ଛାତ୍ରୀଛାତ୍ରମାନଙ୍କ ସହ ଉପସ୍ଥିତ ଅତିଥିମାନେ ।

**ଛତ୍ରପୁର,୧୦ା୧୨(ଡି.ଏନ.ଏ.)**

ଛତ୍ରପୁର ଅନସ୍ଲୋ ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଗଞ୍ଜାମ ନେହେରୁ ଯୁବ କେନ୍ଦ୍ର ଓ କ୍ରାନ୍ତିବୀର ଯୁବ ଛାତ୍ର ସଂଘ ପକ୍ଷରୁ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଯୁବ, ଛାତ୍ରୀ ଛାତ୍ର ମାନେ ଅଂଶ ଗ୍ରହଣ କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ସଂଘର ସଭାପତି ଇଜୁ ଅମିନ୍ ଖାନ୍ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକଭାରୀ ଅବିନାଶ ଶତପଥୀ ଓ ଓକିଲ ସଂଘ ସଭାପତି ଶିବରାମ ରେଡ୍ଡୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଡିଏସପି ଦିଲୀପ କୁମାର ଦାଶ, ମୁଖ୍ୟବକ୍ତା ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ବି. ରାଜୁ ବାବୁ, ଭବାନୀ ସାହୁ, ପ୍ରୋଗ୍ରାମ ଅଫସିର ବିନ୍ଧ୍ୟା ଲାଲ୍ ଚୌହାନ, ଜିଲା ସଂଯୋଜକ ସୁଦାମ ଚରଣ ସାବତ, ଜିଲା ଏନଏସଏସ ଅଧିକାରୀ ସତିଶ୍ ନାୟକ ଯୋଗଦେଇ କୃତୀମାନଙ୍କୁ ପୁରସ୍କୃତ କରିଥିଲେ । କବାଡିରେ ବଡ ଆର୍ଯ୍ୟପଲ୍ଲୀ, ଖୋଖୋରେ ଛତ୍ରପୁର, ଭଲିବଲରେ ବଉଲଗାଁ ଟିମ୍ ବିଜୟୀ ହୋଇଥିଲା । ସେହିପରି ୧୦୦ ମିଟର ଦୌଡରେ ପି. ନାରାୟଣ, ୨୦୦ ମିଟର ଦୌଡରେ ଡି. କାଳିଆ, ୪୦୦ ମିଟର ଦୌଡରେ ପ୍ରକାଶ ଚନ୍ଦ୍ର ଦାସ, ୮୦୦ ମିଟର ଦୌଡରେ ପି. ନାରାୟଣ, ହାଇଜମ୍ପରେ ପବନା ଦାସ, ସଟ୍‌ଫୁଟ୍‌ରେ ପି. ଘୁରେୟା, ଡିସକସ୍‌ରେ କୋଦଣ୍ଡ ନାୟକ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲେ ।

### ଶୀତ ଉତ୍ସବ, ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା

# ହସାଇଲେ ବ୍ୟଙ୍ଗକବି, ଦର୍ଶକଙ୍କ ଭିଡ଼

**ଦାରିଙ୍ଗବାଡ଼ି,୧୦ା୧୨(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଶୀତ ବୃଦ୍ଧି ପାଇଛି। ତାପମାତ୍ରା ୮ ଡିଗ୍ରୀ ତଳକୁ ଖସି ଆସିଥିବା ଜଣାପଡ଼ିଛି। ଦାରିଙ୍ଗବାଡ଼ି ଠାରେ ରବିବାରଠାରୁ ଆରମ୍ଭ ହୋଇଛି ଦ୍ୱିତୀୟ ଶୀତ ଉତ୍ସବ ଓ ପୁସ୍ତକ ମେଳା। ଏହା ଦେଖିବାକୁ ଭିଡ଼ ଜମୁଛି। ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାର ଉଦଘାଟନୀ କାର୍ଯ୍ୟକ୍ରମରେ ଶୀତ ଉତ୍ସବ ଓ ପୁସ୍ତକ ମେଳା କମିଟିର ଉପସଭାପତି ପତିତପାବନ ରାଉତ ଅଧକ୍ଷତା କରିଥିଲେ। କନ୍ଧମାଳ ଜିଲା ଶିକ୍ଷା ଅଧିକାରୀ ବିକାଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଇଓ ପୁରେନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ'ଦାରିଙ୍ଗବାଡ଼ିର ବିକାଶରେ ପର୍ଯ୍ୟଟନର ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ । ଓକିଲ ଦିଲୀପ ବଳିଆର ସିଂ, ଲଡୁ କିଶୋର ସାହୁ, ଶିକ୍ଷକ ହରିହର ନାୟକ, ବରିଷ୍ଠ ନାଗରିକ ନିରଞ୍ଜନ ସାହୁ, ବଣିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ସାହୁ, ପ୍ରେମ ଚାନ୍ଦ ସିଂ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ପର୍ଯ୍ୟଟକମାନେ ନିୟମିତ ଆସୁଥିବା ଯୋଗୁ ଦାରିଙ୍ଗବାଡ଼ିର ବିକାଶ ହେଉଛି ବୋଲି ଅତିଥିମାନେ କହିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଟିଭି କଳାକାର ତଥା ବ୍ୟଙ୍ଗକବି ଡ. କୁଳାଙ୍ଗାରଙ୍କ ସମେତ ହାସ୍ୟକବି ରବୀନ୍ଦ୍ର ରାଉତ, କବି ସୁଶାନ୍ତ କୁମାର ସାହୁ, ଗାୟକ ଏବଂ ବ୍ୟଙ୍ଗକାର ବିଭୁପ୍ରସାଦ ମିଶ୍ର ପ୍ରମୁଖ ଦର୍ଶକଙ୍କୁ ଖୁବ୍ ହସାଇଥିଲେ । ସେହିପରି ଡ୍ୟାନ୍ସ ୱାଲ୍ଡର ପ୍ରିୟଙ୍କା ସାହୁଙ୍କ ନିର୍ଦ୍ଦେଶନାରେ ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ମାନେ ଲୋକନୃତ୍ୟ, ପାରମ୍ପରିକ, ସମ୍ବଲପୁରୀ, କୁଇ ନାଚ ଆଦି କରି ଦର୍ଶକଙ୍କ ମନ କିଣିନେଇଥିଲେ । କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ବେହେରା (ସୁରୁଭାଇ) ସଂଯୋଜନା କରିଥିଲେ। ଶେଷରେ ଶୀତ ଉତ୍ସବ ଓ ପୁସ୍ତକ ମେଳା କମିଟିର ସହସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଜଣାଇଥିଲେ । କମିଟି ସଦସ୍ୟ ତଥା ସଭାପତି ରମେଶ ଚନ୍ଦ୍ର ସାହୁ, ଶ୍ୟାମ ସୁନ୍ଦର ଦିଗାଳ, ସଂଗ୍ରାମ କେଶରୀ ନାୟକ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ଉମେଶ କର, ପ୍ରଦୀପ ସାହୁ, ହରେନ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।



ମଞ୍ଚାସୀନ ଅତିଥିମାନେ।

### ଜୈବିକ ପଦ୍ଧତି କ୍ଷୁଦ୍ରଦାନା ଶସ୍ୟକୁ ଗୁରୁତ୍ୱ

**ଦାରିଙ୍ଗବାଡ଼ି,୧୦ା୧୨(ଡି.ଏନ.ଏ)**

ବିଷାକ୍ତ ଖାଦ୍ୟଠାରୁ ଦୂରେଇ ରହିବା ସହ ହଜିଯାଉଥିବା ମୂଳଖାଦ୍ୟ ଏବଂ କ୍ଷୁଦ୍ରଦାନା ଶସ୍ୟକୁ ପୁନରୁଦ୍ଧାର କରିବା ଏବଂ ଏଥିପାଇଁ ଲୋକ ସଚେତନ କରିବାକୁ ପ୍ରୟାସ କରାଯାଇଛି। ଦାରିଙ୍ଗବାଡ଼ିରେ ଆୟୋଜିତ ଶୀତ ଉତ୍ସବ ଓ ପୁସ୍ତକ ମେଳାରେ ଏହା ଦେଖିବାକୁ ମିଳିଛି । ଏହି ଅଞ୍ଚଳରେ କ୍ଷୁଦ୍ରଦାନା ଶସ୍ୟ ହଜିବାକୁ ବସିଥିଲା । ସରକାରଙ୍କ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ଏହାର ପୁନରୁଦ୍ଧାର କରାଯିବା ପାଇଁ ସହଭାଗିତାରେ ଜାଗୃତି ଏହାର ଦାୟିତ୍ୱ ସରକାରଙ୍କଠାରୁ ନେଇଛି । ଶୀତ ଉତ୍ସବ ଓ ପୁସ୍ତକ ମେଳାର ପ୍ରଥମ ସନ୍ଧ୍ୟାରେ ଏହି କ୍ଷୁଦ୍ରଦାନା ଶସ୍ୟ ଏବଂ ଏଥିରେ ପ୍ରସ୍ତୁତ ହୋଇଥିବା ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଷ୍ଟଲକୁ ବିଶିଷ୍ଟ କବି ଡ.ରାଜେନ୍ଦ୍ର କିଶୋର ପଣ୍ଡା, କବି ଫନୀ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଷ୍ଟଲରେ କ୍ଷୁଦ୍ରଦାନା ଶସ୍ୟ ମଧ୍ୟରେ ବାଜରା, ମାଣ୍ଡିଆ, କାଙ୍ଗୁ, ଜନା ଆଦି ଶସ୍ୟ କିଭଳି ଚାଷ କରାଯିବ ଏହାର ପ୍ରଣାଳୀ କୁହାଯାଇଥିଲା। ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ କ୍ଷୁଦ୍ରଦାନାରେ ପ୍ରସ୍ତୁତ ଖିରି, କାକରା ପିଠା, ଲଡୁ, ପିଆଜି ଆଦି ଲୋକଙ୍କୁ ଖାଇବାକୁ ଦିଆଯିବା ସହ ଏହାର ପ୍ରସ୍ତୁତି ସମ୍ପର୍କରେ କୁହାଯାଇଥିଲା।

# କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ, କରାପଲ୍ଲୀ ଚାମ୍ପିୟନ

**ଗୋପାଳପୁର,୧୦ା୧୨**

ରଙ୍ଗେଇଲୁଣ୍ଡା ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । କୁଠାରସିଂ ଓ କରାପଲ୍ଲୀ ପଞ୍ଚାୟତ ଟିମ ମଧରେ ଅନୁଷ୍ଠିତ ହୋଇଥିବା ଫାଇନାଲ ମ୍ୟାଚ୍‌ରେ କରାପଲୀ ଟିମ ୧୦ ଓଭରରେ ୯ ୱିକେଟ ହରାଇ ୯୫ ରନ କରିଥିବା ବେଳେ କୁଠାରସିଂ ଟିମ୍ ୧୦ ଓଭରରେ ୭ ୱିକେଟ ହରାଇ ୪୨ ରନ କରି ପରାଜିତ ହୋଇଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ରଙ୍ଗେଇଲଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ ସମ୍ମାନିତ ଅତିଥି ଓ ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷ ଅଜିତ ଦାଶ, ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି, ବିଷ୍ଣୁପ୍ରିୟା ନାୟକ ଓ ମଞ୍ଜୁଶ୍ରୀ ଦଳାଇ ଯୋଗ ଦେଇଥିଲେ । କରାପଲ୍ଲୀ ଟିମ୍‌କୁ ୱିନର ଟ୍ରଫି ଓ କୁଠାରସିଂ ଟିମକୁ ରନର୍ସ ଟ୍ରଫି ପ୍ରଦାନ କରାଯାଇ ପାଣିଗ୍ରାହୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବେଷ୍ଟ ବୋଲର, ବେଷ୍ଟ ବ୍ୟାଟସମ୍ୟାନ ଓ ବେଷ୍ଟ କିପରଙ୍କୁ ସିଲ୍ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।




ଅତିଥିଙ୍କ ଗହଣରେ ବିଜୟୀ ଟିମର ଖେଳାଳିମାନେ।

# ଭାଜପା ପକ୍ଷରୁ ସଭା, ଶୋଭାଯାତ୍ରା

**ଦିଗପହଣ୍ଡି,୧୦ା୧୨(ଡି.ଏନ.ଏ.)**

ଦିଗପହଣ୍ଡିରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁକ୍ତେଶ୍ୱର ଶୈବପୀଠରୁ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପୁଞ୍ଜିକୟାଁ ଛକରେ ଆୟୋଜିତ ପଥପ୍ରାନ୍ତ ସଭାରେ ରାଜ୍ୟ ସରକାରଙ୍କ ସାମଗ୍ରୀକ ବିଫଳତା ଓ ସ୍ଥାନୀୟ ବିଧାୟକଙ୍କ ଦୁର୍ନୀତି ଓ ପ୍ରିୟାପ୍ରୀତି ବିରୋଧରେ ଦଳୀୟ ନେତୃବୃନ୍ଦ ଉଦ୍‌ବୋଧନ ଦେଇଥିଲେ। ସହରର ମୌଳିକ ସମସ୍ୟା ସମାଧାନରେ ଏନଏସି ପ୍ରଶାସନର ବିଫଳତା ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନତା କରାଯାଇଥିଲା। ଭାଜପା ଗଞ୍ଜାମ ଜିଲା ସଭାପତି କାହ୍ନୁ ଚରଣ ପତି, ଉପସଭାପତି ପରେଶ ଚନ୍ଦ୍ର ରଥ, ଇଞ୍ଜିନିୟର ଉତ୍ତମ କୁମାର ପାଣିଗ୍ରାହୀ, ଶୁଭେନ୍ଦୁ ପାଢ଼ୀ, ଚିନ୍ମୟାନନ୍ଦ ମହାରାଜ, ଶ୍ରୀକାନ୍ତ ପାଢ଼ୀ, ବନଜା ପଣ୍ଡା, ସିଦ୍ଧାନ୍ତ ଗଙ୍ଗଦେବ ପ୍ରମୁଖ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ ।




ଶୋଭାଯାତ୍ରାରେ ଦଳୀୟ ନେତା।

### କଂଗ୍ରେସର ସାଙ୍ଗଠନିକ ବୈଠକ

**କନିଷି,୧୦ା୧୨(ଡି.ଏନ.ଏ.)**

ରଣ୍ଡା ଗ୍ରାମ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ଗୋପାଳପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସର ସାଙ୍ଗଠନିକ ଜିଲା ସଭାପତି ଡ. ତ୍ରିନାଥ ବେହେରାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ଜିଲା ସାଧାରଣ ସମ୍ପାଦକ ଏସ. ଧର୍ମା ରେଡ୍ଡୀଙ୍କ ନେତୃତ୍ୱରେ ରଙ୍ଗେଇଲୁଣ୍ଡା ବ୍ଲକର ୫୩, ୫୪ ଓ ୫୫ ନଂ. ଜୋନ ସ୍ତରୀୟ କଂଗ୍ରେସର ସାଙ୍ଗଠନିକ ଓ ଆଗାମୀ ଦିନରେ ଦଳୀୟ କାର୍ଯ୍ୟପନ୍ଥା ବିଷୟରେ ନେତା, କର୍ମୀମାନଙ୍କୁ ପ୍ରତି ଗାଁରେ ପହଞ୍ଚି ଜନସାଧାରଣଙ୍କ ସହଯୋଗ କରି କିପରି କଂଗ୍ରେସ ଦଳ ସୁଦୃଢ଼ ହେବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକ ସଭାପତି ଧୀରେନ୍ଦ୍ର ପାତ୍ର ବରିଷ୍ଠ ନେତା ଗୋକୁଳ ଚନ୍ଦ୍ର କର, ପୀତବାସ ପଣ୍ଡା, ସୁନିଲ ସାହୁଙ୍କ ସମେତ ଶତାଧିକ ନେତା, କର୍ମୀ ଯୋଗ ଦେଇଥିଲେ ।

# ବୁଦ୍ଧଖୋଲ ଉନ୍ନୟନ ସମିତିର ବୈଠକ

**ବୁଗୁଡ଼ା,୧୦ା୧୨(ଡି.ଏନ.ଏ.)**

ବୁଦ୍ଧଖୋଲ ଉନ୍ନୟନ ସମିତିର ସାଧାରଣ ବୈଠକ ଶନିବାର ଅପରାହ୍ନରେ ଶ୍ରୀକାନ୍ତ ସାହୁଙ୍କ ଅଧକ୍ଷତାରେ ବୁଦ୍ଧଖୋଲ ପାଦଦେଶରେ ଅନୁଷ୍ଠିତ ହୋଇଥିଲା। ସୁରେଶ ଚନ୍ଦ୍ର ଦାଶ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ପରେ ବିଶ୍ୱମୋହନ ମିଶ୍ର ଆୟବ୍ୟୟ ପଠନ କରିଥିଲେ । ଫେବୃୟାରୀ ୧, ୨ ଓ ୩ରେ ବୁଦ୍ଧଖୋଲ ମହୋତ୍ସବର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଆସନ୍ତା ୩ ବର୍ଷ ପାଇଁ ଉନ୍ନୟନ ସମିତିର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ବୁଦ୍ଧଖୋଲ ଉନ୍ନୟନ ସମିତିର ସଭାପତି ରୂପେ ବିଧାୟକ ସାହୁ ମନୋନୀତ ହୋଇଥିବା ବେଳେ ଉପସଭାପତି ଚନ୍ଦନ ଚର୍ଚ୍ଚିତ ପାତ୍ର, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, ସମ୍ପାଦକ ବିଶ୍ୱ ମୋହନ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ଗଙ୍ଗାଧର ବିଷୋୟୀ, କୋଷାଧ୍ୟ ତ୍ରିଲୋଚନ ଦୋରା ଓ ସମୀକ୍ଷକ ଭାବେ ରାମକୃଷ୍ଣ ସାହୁଙ୍କୁ ମନୋନୀତ କରାଯାଇଥିଲା ।

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା: ଯୁବକ ନିର୍ଦ୍ଦୋଷରେ ଖଲାସ

**ଫୁଲବାଣୀ ଅଫିସ, ୧୦ା୧୨:** ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ସୁଶାନ୍ତ ପଟେଲ ଅଭିଯୁକ୍ତ ଯୁବକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ରଞ୍ଜନ ପ୍ରଧାନ । ୨୦୧୪ ସେପ୍ଟେମ୍ବର ୨୯ରେ ରଞ୍ଜନ ତାଙ୍କ ସହଯୋଗୀଙ୍କ ସହାୟତାରେ ସମ୍ପୃକ୍ତ ନାବାଳିକାଙ୍କୁ ଘରେ କେହି ନ ଥିବା ସୁଯୋଗରେ ଉଠାଇ ନେଇ ଭୁବନେଶ୍ୱର, ପୁରୀ ଏପରିକି ବହୁ ସ୍ଥାନରେ ବୁଲାଇ ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିବା ନେଇ ଫିରିଙ୍ଗିଆ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ପକ୍‌ସୋ ଆଇନ ଅନୁସାରେ ନଂ.୯୮/୧୪ରେ ମାମଲା ରୁଜୁକରି ରଞ୍ଜନଙ୍କୁ ଗିରଫ କରିଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ପ୍ରତିପକ୍ଷଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତି ମାମଲା ପରିଚାଳନା କରୁଥିଲେ ।

## ରାମ୍ଭେଲିରେ ଝାଡ଼ାବାନ୍ତି ଘଟଣା, ପହଞ୍ଚିଲେ ଡାକ୍ତରୀ ଦଳ

**ଦାରିଙ୍ଗବାଡ଼ି,୧୦ା୧୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ କାଟିଙ୍ଗିଆ ପଞ୍ଚାୟତ ଦୁର୍ଗମ ଅଞ୍ଚଳ ରାମ୍ଭେଲିରେ ଝାଡ଼ାବାନ୍ତି ବ୍ୟାପିବା ଖବର ମିଳିବା ପରେ ସୋମବାର ଦାରିଙ୍ଗବାଡ଼ିରୁ ଏକ ଭ୍ରାମ୍ୟମାଣ ଡାକ୍ତରୀ ଦଳ ଡାକ୍ତର ଅମ୍ବିକା ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ପହଞ୍ଚିଛନ୍ତି । ସେଠାରେ ଜଣେ ବୃଦ୍ଧଙ୍କ ସହ ଅନ୍ୟଜଣେ ଶିଶୁଙ୍କୁ ଏବେ ଝାଡ଼ାବାନ୍ତି ହୋଇଥିଲା। ତାଙ୍କୁ ଚିକିତ୍ସା କରାଯାଇଥିବା ଡାକ୍ତର ଶତପଥୀ କହିଛନ୍ତି । ଏଥିସହ ମୋଟ ୩୯ ଜଣଙ୍କୁ ପ୍ରତିଷେଧକ ମୂଳକ ଔଷଧ ବଣ୍ଟନ କରାଯାଇଥିବା ବେଳେ ବଳକା ୧୨ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି । କୌଣସି ବିପଦ ନ ଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ରାମ୍ଭେଲି ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଝାଡ଼ାବାନ୍ତିରେ ଆକ୍ରାନ୍ତ କେତେକ ରୋଗୀ ପ୍ରଥମେ ଚେରମୂଳି ଓ ଗୁଣିଗାରେଡ଼ି ଚିକିତ୍ସା କରାଇବା ପରେ ଉକ୍ତ ଗ୍ରାମର ଅଜୟ ମଲ୍ଲିକଙ୍କ ସ୍ତ୍ରୀ ଜୁନିୟର ଗୁରୁତର ହୋଇ ପଡ଼ିଥିଲେ। ରାସ୍ତା ନ ଥିବାରୁ ଲୋକେ ଜୁନିୟରଙ୍କୁ ଖଟରେ ବୋହି ମିଞ୍ଜାପଙ୍କା ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ସେମାନେ ଅଟୋରେ ଗଜପତି ଜିଲା ଅଡ଼ବା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି ।



ରାମ୍ଭେଲିରେ ଡାକ୍ତରୀ ଦଳ ଚିକିତ୍ସା କରୁଛନ୍ତି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ରାମଗିରି,୧୦ା୧୨(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନଘା ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନୁପ ସାହା, ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଦାସ, ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ସ୍ମୃତିରଞ୍ଜନ ଶତପଥିଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା। କୃଷି, ପ୍ରାଣୀସମ୍ପଦ, ଘରଭଙ୍ଗା, ଉଦ୍ୟାନ କ୍ଷୟକ୍ଷତି ସମ୍ବନ୍ଧୀୟ ୬୨ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୫୨ ଓ ସାମୁହିକ ଭାବେ ୧୦ ଜଣଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬ ଜଣଙ୍କୁ ୭୦ ହଜାର ଟଙ୍କା ସହାୟତା ଦିଆଯାଇଥିବା ବେଳେ ରେଡକ୍ରସରୁ ୭ ଜଣଙ୍କୁ ୩୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଅନଘା ସରପଞ୍ଚ କୃଷ୍ଣଚନ୍ଦ୍ର ବଡ଼ମୁଣ୍ଡି ଗତ ତିତଲି ବାତ୍ୟାରେ ଘର, ପଶୁ ସମ୍ପଦ ଓ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଫସଲର ପୁନର୍ବାର ସର୍ଭେ କରି ଲୋକମାନଙ୍କୁ ଉଚିତ କ୍ଷତିପୂରଣ ଦିଆଯାଉ ବୋଲି କହିଥିଲେ। ସେହିପରି ଅନଘା ପଞ୍ଚାୟତ ବିଜୁ ଯୁବ ବାହିନୀର ସଭାପତି ଈଶ୍ୱର ଚନ୍ଦ୍ର ବଡ଼ମୁଣ୍ଡି ଚାଞ୍ଚଡ଼ାଖତ ଠାରୁ ଭାୟା ବାଲିଗୁମା, ଡୁବୁରସିଂ ଦେଇ ଜାମଖୋଲ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ କାମ କରିବା ପାଇଁ ଜଣାଇଥିଲେ। ପୂର୍ବରୁ ୩ ଥର ଏପରି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିବା ସେ ଅଭିଯୋଗ କରିଥିଲେ। ଯଦି ଏଥର କାର୍ଯ୍ୟରେ ପରିଣତ ନ ହୁଏ ତା'ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି କହିଥିଲେ । ଶିବିରକୁ ସରପଞ୍ଚ କୃଷ୍ଣଚନ୍ଦ୍ର ବଡ଼ମୁଣ୍ଡି, ସମିତିସଭ୍ୟା ସାବିତ୍ରୀ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ପର୍ଶୁରାମ ମଣ୍ଡଳ ଓ ପ୍ରଦୀପ କୁମାର ବେହେର୍ଦଳାଇ ପ୍ରମୁଖ ପରିଚାଳନା କରିଥିବା ବେଳେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୟାନିଧି ନାୟକ ଓ ଜିଲାର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।




ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

# ନବନିର୍ମାଣ କୃଷକ ସଙ୍ଗଠନର ଅନଶନ

ଛତ୍ରପୁର,୧୦।୧୨(ଡି.ଏନ.ଏ.)

ଚାଷୀଙ୍କୁ ପେନ୍‌ସନ ପ୍ରଦାନ ଦାବି ନେଇ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅନଶନ ଚଳାଇଛନ୍ତି। ଏହାକୁ ସମର୍ଥନ ଜଣାଇ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମାଣ କୃଷକ ସଙ୍ଗଠନର ଗଞ୍ଜାମ ଜିଲା ଶାଖା ପକ୍ଷରୁ ଗଣ ଉପବାସ କରାଯିବା ସହ ଧାରଣା ଦିଆଯାଇଛି। ଗଞ୍ଜାମ ଜିଲା ପ୍ରଭାରୀ ସଚିନ୍ ମହାପାତ୍ରଙ୍କ ନେତୃତ୍ୱରେ ଅନଶନ ଚାଲିଛି । ତିତ୍‌ଲିର ୨ ମାସ ପରେ ବି କ୍ଷତିପୂରଣ ବାବଦକୁ ଚାଷୀଙ୍କୁ ପ୍ରାପ୍ୟ ମିଳିପାରିନି । ଏଥିପ୍ରତି ସରକାରଙ୍କ କୌଣସି ଆଗ୍ରହ ଥିଲା ଭଳି ଜଣାପଡୁନି। ସେପଟେ ଓଡିଶାରେ ଚାଲିଥିବା ହକି ବିଶ୍ୱକପକୁ ସରକାର ଅହେତୁକ ଅନୁକମ୍ପା ଦେଖାଉଛନ୍ତି, ଯାହାକି କେବଳ ଭୋଟ ରାଜନୀତି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି । ୧ ମାସ ମଧ୍ୟରେ ଜିଲାର ତିତଲି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରା ନ ଗଲେ ନବ ନିର୍ମାଣ କୃଷକ ସଂଗଠନ ଭୋଟ ବର୍ଜନ କରିବ। ଏପରିକି ନେତାଙ୍କୁ ଗାଁରେ ପୂରାଇ ଦିଆଯିବନି ବୋଲି ଚେତାବନୀ ଦିଆଯାଇଛି। ଅନଶନରେ ଜିଲା ଉପଦେଷ୍ଟା ରମେଶ ଚନ୍ଦ୍ର କର, ରଙ୍ଗେଇଲୁଣ୍ଡା ସଂଯୋଜକ ସୁଦର୍ଶନ ପାତ୍ର, ଖଲ୍ଲିକୋଟ ବ୍ଲକ ଉପଦେଷ୍ଟା କିଶୋର ଚନ୍ଦ୍ର ସାହୁ, ରଙ୍କନାଥ ପାତ୍ର, ନାଗେଶ୍ୱର ଚାନ୍ଦ, ଲକ୍ଷ୍ମୀଧର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ଇଜୁ ଅମିନ ଖାନ୍, ବାଉରି ବେହେରା, ବିଜୟ ଜେନା ପ୍ରମୁଖ ସାମିଲ ଥିଲେ ।



ଅନଶନ କରାଯାଉଛି ।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, ୧୦।୧୨(ଡି.ଏନ୍.ଏ.):

ହିଞ୍ଜିଳି ଥାନା ଦୟାପଲ୍ଲୀ ଗ୍ରାମରେ ସୋମବାର ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଏନ. ଚକ୍ରପାଣି (୩୦) । ଚକ୍ରପାଣି ବ୍ଲକ ବିଜୁ ଯୁବବାହିନୀର ସଦସ୍ୟ ଥିଲେ। ଖବରପାଇ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ଥାନାରେ ନଂ.୨୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇ ତଦନ୍ତ ଚାଲିଥିବା ଆଇଆଇସି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

■ଦୋକାନ ହଟାଇବାକୁ ନୋଟିସ ପ୍ରସଙ୍ଗ

# ତହସିଲ ଘେରିଲେ ଉଠା ଦୋକାନୀ, ଦାବିପତ୍ର ପ୍ରଦାନ



ତହସିଲ ଅଫିସକୁ ଆସିଥିବା ଉଠା ଦୋକାନୀମାନେ।

ଗଞ୍ଜାମ,୧୦।୧୨(ଡି.ଏନ.ଏ.)

ଟ୍ରାଫିକ ସମସ୍ୟା ଓ ସଡ଼କ ନିରାପତ୍ତାର ଆଳ ଦେଖାଇ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ପୁଇଁତୋଳା ଛକ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକୁ ହଟାଇବା ପାଇଁ ତହସିଲ ପକ୍ଷରୁ ୫ ତାରିଖରେ ନୋଟିସ ଜାରି କରାଯାଇଛି। ବିକଳ୍ପ ପନ୍ଥା ଓ ଥଇଥାନ ଦାବି ନେଇ ଉଠା ଦୋକାନୀମାନେ ସୋମବାର ତହସିଲ ଅଫିସ ଘେରିବା ସହ ତହସିଲଦାର ଅବନୀ କୁମାର ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦୋକାନ ଥିବା ସ୍ଥାନରେ କୌଣସି ପ୍ରକାର ନିୟମ ଉଲ୍ଲଂଘନ କରାଯାଉନାହିଁ, ଦୋକାନ ଦ୍ୱାରା ପରିବାର ଗୁଜୁରାଣ ମେଣ୍ଟାଉଛୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାର ନକଲ ଜିଲାପାଳ, ଉପଜିଲାପାଳ ଏବଂ ଗଞ୍ଜାମ ଥାନାଧିକାରୀଙ୍କୁ ମଧ୍ୟ ଦିଆଯାଇଛି। ତେବେ ଦାବିପତ୍ର ପାଇବା ପରେ ଦୋକାନ ହଟାଇବା ପାଇଁ ତହସିଲଦାର ସାହୁ ୭ ଦିନ ବଦଳରେ ଏକ ମାସ ସମୟ ଦେଇଥିବା ଜଣାପଡ଼ିଛି। ଦାବିପତ୍ର ପ୍ରଦାନ ବେଳେ ଆଇନଜୀବୀ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ କୈଳାସ ପଲାଇ, କୃଷ୍ଣ ପ୍ରଧାନ, ଅଜୟ କୁମାର ବାରିକି, ସୁକାନ୍ତ କୁମାର ରାଉଳ, ସିପିଆଇ ନେତା ନୀଳକଣ୍ଠ ଦାସ, ସଦାଶିବ ଦଳାଇ, ଗୁରୁଚରଣ ସାହୁଙ୍କ ସମେତ ଅନ୍ୟ ଦୋକାନୀମାନେ ଉପସ୍ଥିତ ଥିଲେ।

# ଗୁଞ୍ଜିବାଡ଼ିରେ ମାଓବାଦୀ ପୋଷ୍ଟର, ବ୍ୟାନର



ମାଓବାଦୀ ପୋଷ୍ଟର ।

ରାଇକିଆ,୧୦।୧୨(ଡ଼ି.ଏନ.ଏ)

କନ୍ଧମାଳ ଜିଲାର ବିଭିନ୍ନ ଅଞ୍ଚଳରେ ଗତ କିଛିଦିନ ହେଲା ଲଗାତର ଭାବେ ମାଓବାଦୀ ପୋଷ୍ଟର ବ୍ୟାନର ଲଗାଯାଉଥିବା ଦେଖିବାକୁ ମିଳୁଛି। ରବିବାର ସିମନବାଡ଼ି ଅଞ୍ଚଳରେ ମାଓବାଦୀ ପୋଷ୍ଟର ମରାଯାଇଥିବା ବେଳେ ସୋମବାର କ. ନୂଆଗାଁ ବ୍ଲକର ଗୁଞ୍ଜିବାଡ଼ି ଅଞ୍ଚଳରେ ପୋଷ୍ଟର ଓ କଳା ରଙ୍ଗର ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ଜିଡୁବାଡ଼ି ଛକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଏକ ସୂଚନା ଫଳକ ଏବଂ ଏକ ଗଛରେ ମାଓବାଦୀ ବ୍ୟାନର ମରାଯାଇଛି। ସଂଘ ପରିବାର ବିରୋଧରେ ପ୍ରତିରୋଧ ସପ୍ତାହ ଡ଼ିସେମ୍ବର ୬ ରୁ ୧୨ ପର୍ଯ୍ୟନ୍ତ ପାଳନ ପାଇଁ ଏଥିରେ ଆହ୍ୱାନ ଦିଆଯାଇଛି। ଧର୍ମ ନାମରେ ବିଦ୍ୱେଷ ବନ୍ଦ କରିବା ଏବଂ ଗୋରକ୍ଷା ନାମରେ ଦଳିତ ଓ ଆଦିବାସୀଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ନିବେଦନ କରାଯାଇଛି । ତଳେ ବିପ୍ଳବୀ ଅଭିନନ୍ଦନ ସହିତ ଓଡ଼ିଶା ରାଜ୍ୟ କମିଟି, କମ୍ୟୁନିଷ୍ଟ ପାର୍ଟିମାଓବାଦୀ ଲେଖା ଯାଇଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖା ଦେଇଛି।

# ଦିଗପହଣ୍ଡିରେ ହାତୀପଲ, ଲୋକେ ଆତଙ୍କିତ

ଦିଗପହଣ୍ଡି,୧୦।୧୨(ଡି.ଏନ.ଏ.)

ଦିଗପହଣ୍ଡି ସହର ଜନବସତି ଆଡ଼କୁ ସୋମବାର ହାତୀପଲ ମାଡ଼ି ଆସିଛନ୍ତି । ଭୋରରେ ବନ ବିଭାଗ କେନ୍ଦ୍ରୀୟ ନର୍ସରୀରେ ହାତୀପଲ ପସି ପ୍ରାୟ ୧୦ ହଜାର ଚାରା ନଷ୍ଟ କରିଛନ୍ତି । ସନ୍ଧ୍ୟାରେ ହାତୀପଲ ଜନବସତି ଆଡ଼କୁ ଆସିବାରୁ ତାଲିମପ୍ରାପ୍ତ ବନ କର୍ମଚାରୀମାନେ ସେମାନଙ୍କୁ ଘଉଡ଼ାଇବାରେ ନିୟୋଜିତ ଥିବା ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ କହିଛନ୍ତି । ରବିବାର ବିଳମ୍ବିତ ରାତିରେ ଚାଙ୍ଗଡ଼ାପଲ୍ଲୀ ଗ୍ରାମର ବହୁ ଧାନ ଫସଲ ହାତୀପଲ ନଷ୍ଟ କରିବା ସହ ୨ ଚାଷୀଙ୍କ ଧାନଗଦା ଖାଇଥିବା ବନରକ୍ଷୀ ନୀଳମାଧବ ଜେନା ଜଣାଇଛନ୍ତି। ପାଟପୁର ରତନେଇ ସଂରକ୍ଷିତ ଜଙ୍ଗଲରୁ ହାତୀପଲ ଆସି ଦିଗପହଣ୍ଡି ବନାଞ୍ଚଳ ଟାଙ୍ଗୁଡ଼ିଦେଇ ସଂରକ୍ଷିତ ଜଙ୍ଗଲରେ ପହଞ୍ଚିଛନ୍ତି। ଫଳରେ ମଥୁରା, ଚାଙ୍ଗଡ଼ାପଲୀ, ଗୁମା, ପୋଡ଼ାବାଡ଼ି, ତାଳପଡ଼ା, ଅଁଳାଗୁଡ଼ା ଆଦି ଗ୍ରାମରେ ଆତଙ୍କ ସୃଷ୍ଟି ହୋଇଛି। ଧାନ ଅମଳ ଶୀଘ୍ର ସାରିଦେବା ପାଇଁ ବନ ବିଭାଗ ପକ୍ଷରୁ କୁହାଯାଇଛି । ହାତୀ ଘଉଡାଇବା ପାଇଁ ଗ୍ରାମବାସୀଙ୍କୁ ଫଟାକା ଓ ବାଜା ବଣ୍ଟନ କରାଯିବା ସହ ସତର୍କ ସୂଚନା ଜାରି କରାଯାଇଛି ।

■ରାଶନକାର୍ଡ ପ୍ରଦାନରେ ଅନିୟମିତତା

# ଚାଉଳ ବଣ୍ଟନ ବନ୍ଦ କଲେ ହିତାଧିକାରୀ

କବିସୂର୍ଯ୍ୟନଗର, ୧୦।୧୨

କବିସୂର୍ଯ୍ୟନଗର ବ୍ଲକ ବୋରସିଂ ପଞ୍ଚାୟତରେ ଶନିବାର ରାଶନକାର୍ଡ ଅନିୟମିତତାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା । ସୋମବାର ହରିହର ପ୍ରଧାନଙ୍କ ନେତୃତ୍ୱରେ କିଛି ହିତାଧିକାରୀ ରାଶନକାର୍ଡ ପ୍ରଦାନରେ ଅନିୟମିତତା, ପଲ୍ଲିସଭା, ଗ୍ରାମସଭା ନ ହେବା ଏବଂ ଚାରାରୋପଣ ବିଲ ଅଟକିବା ନେଇ ବିଡିଓ ପ୍ରଦୀପ କୁମାର ପଣ୍ଡାଙ୍କୁ ସାକ୍ଷାତ କରିଥିଲେ। ଶନିବାର ରାଶନ କାର୍ଡରୁ ବଞ୍ଚିତ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ହଟ୍ଟଗୋଳ କରି ବନ୍ଦ କରିଥିଲେ। ଏ ନେଇ ବୋରସିଂ ସରପଞ୍ଚ ଦୀପାଞ୍ଜଳି ପ୍ରଧାନ ଓ ସମିତିସଭ୍ୟ ମୋହନ ବାରିକ କୁହନ୍ତି ଗ୍ରାମର ଧନୀ ଅଯୋଗ୍ୟ ହିତାଧିକାରୀ ରାଶନକାର୍ଡ ଆପଣାଇ ସମସ୍ୟା ସୃଷ୍ଟି କରିଛନ୍ତି । ତେବେ ପ୍ରକୃତ ଗରିବ ହିତାଧିକାରୀଙ୍କୁ ଏଥିରୁ ବଞ୍ଚିତ କରା ନଯାଉ । ବିଡିଓ ପ୍ରଦୀପ କୁମାର ପାଢ଼ୀ ସରପଞ୍ଚଙ୍କୁ ସମସ୍ୟା ବିଷୟରେ ପଚାରି ବୁଝିନେବେ ବୋଲି କହିଛନ୍ତି। ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ କହିଛନ୍ତି ପ୍ରକୃତ ହିତାଧିକାରୀ ପରିବର୍ତ୍ତେ ୭/୮ ଜଣ ଧନୀ ଅଯୋଗ୍ୟ ହିତାଧିକାରୀ ଯୋଗୁ ସମସ୍ୟା ଘଟିଛି, ତାହା ତଦନ୍ତ ସାପେକ୍ଷ। ସରପଞ୍ଚ, ସମିତିସଭ୍ୟ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ